ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.260 Bhubaneswar Tuesday November 28 2023 | ୨୬ତମ ବର୍ଷ ସଂଖ୍ୟା-୨୬୦ ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୮, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


## ଧାନ ଅମଳ ବେଳେ ଚାଷୀଙ୍କୁ ଘାରିଛି ଭୟ; ଆସୁଛି ବାତ୍ୟା !



ଭୁବନେଶ୍ୱର, ୨୭।୧୧(ପି.ଏନ): ଧାନ ଅମଳ ବେଳକୁ ଭୟ ବଢାଇଛି ସମ୍ଭାବ୍ୟ ବାତ୍ୟା। ଦକ୍ଷିଣ ଆଣ୍ଡାମାନ ସାଗର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଛି ଲଘୁଚାପ। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଆସନ୍ତା ୨୯ ତାରିଖରେ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ପରବର୍ତ୍ତୀ ୪୮ ଘଣ୍ଟାରେ ଆହୁରି ଘନୀଭୂତ ହୋଇ ଏହା ବାତ୍ୟାର ରୂପ ନେଇପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ। ତେବେ ସମ୍ଭାବ୍ୟ ବାତ୍ୟା ନେଇ ବର୍ତ୍ତମାନ ଓଡିଶା ପାଇଁ କୌଣସି ସତର୍କତା ଜାରି ହୋଇନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍. ଆର. ବିଶ୍ୱାସ କହିଛନ୍ତି।IMD GFS ବା ଗ୍ଲୋବାଲ ଫରକାଷ୍ଟିଂ ସିଷ୍ଟମ ଆଉ ପାଦେ ଆଗକୁ ଯାଇ ବାତ୍ୟା ସୃଷ୍ଟି ହେବା ଏବଂ କେଉଁଠି ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବ ସେନେଇ ପୂର୍ବାନୁମାନ କରିଛି। ଆକଳନ ଅନୁସାରେ, ଲଘୁଚାପ ଆସନ୍ତା ଡିସେମ୍ବର ୧ ତାରିଖରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ବାତ୍ୟାର ରୂପ ନେବ। ୪ ତାରିଖ ଯାଏଁ ଏହା ଉତ୍ତର ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ପରେ ଉତ୍ତର ଉତ୍ତର-ପୂର୍ବ ଦିଗକୁ ରିକର୍ଭ କରିବ। ଡିସେମ୍ବର ୫ ତାରିଖରେ ଭେରି ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମର ରୂପ ନେଇ ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଦକ୍ଷିଣ ଓଡିଶା ଉପକୂଳ ମଧ୍ୟରେ ଅତିକ୍ରମ କରିପାରେ ବୋଲି ଆକଳନ କରାଯାଇଛି।

## ସାଢ଼େ ଚାରି କୋଟି ଓଡିଆଙ୍କ ଭିତରୁ କେହି ମିଳିଲେନି !

ଭୁବନେଶ୍ୱର, ୨୭।୧୧(ପି.ଏନ): ସ୍ୱର୍ଗତ ବିଜୁ ପଟ୍ଟନାୟକ ନାଁରେ ଗଠିତ ଦଳ ଚଳାଇବାକୁ ସାଢ଼େ ୪ କୋଟି ଓଡିଆଙ୍କ ଭିତରୁ କେହି ମିଳିଲେନି। ଏହା ଦେଖି ବିଜୁ ବାବୁଙ୍କ ଆତ୍ମା ନିଶ୍ଚିତ ଛାଟିପିଟି ହେଉଥିବ। ଭି.କେ. ପାଣ୍ଡିଆନ ବିଜେଡିରେ ଯୋଗ ଦେବା ପରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏହା କହିଛନ୍ତି। ସେ ଆହୁରି କହିଛନ୍ତି, ପରଦା ପଛରେ ରହି ଆଉ କାହା ନାଁରେ ଶାସନ କରିବା ଗୋଟିଏ କଥା। ପରଦା ବାହାରକୁ ଆସି ସାମ୍ନାରେ ରାଜନୀତି କରିବା ଅଲଗା କଥା। ସମୟ ଆସିଲେ ସବୁ ଜଣାପଡିବ।

## ବିଜେଡ଼ିରେ ସାମିଲ ହେଲେ ଭି.କେ. ପାଣ୍ଡିଆନ୍: ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଯୋଗଦେଲେ ୫ଟି ସଚିବ



ଭୁବନେଶ୍ୱର, ୨୭।୧୧(ପି.ଏନ): ଓଡିଶା ରାଜନୀତିରୁ ଆସିଛି ଏକ ବଡ ଖବର । ବିଜୁ ଜନତା ଦଳରେ ଯୋଗେ ଦେଇଛନ୍ତି ୫ଟି ସଚିବ ଭି.କେ. ପାଣ୍ଡିଆନ୍ । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବରେ ବିଜେଡିରେ ସାମିଲ ହୋଇଛନ୍ତି ପାଣ୍ଡିଆନ୍ । ୫ଟି ଏବଂ ନବୀନ ଓଡିଶାର ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍ ଏବେ ବିଜୁ ଜନତା ଦଳର ନୂଆ ଚେହେରା ଭାବରେ ପାଇଛନ୍ତି ପରିଚୟ । ପ୍ରଶାସକରୁ ରାଜନେତା ଭାବରେ ମିଳିଛି ଆଉ ଏକ ଗୁରୁଦାୟିତ୍ୱ ।ଫାଇଭ-ଟି ଅଧ୍ୟକ୍ଷ ଭାବରେ ଦାୟିତ୍ୱ ସମ୍ପାଦନ କରୁଥିବା ଶ୍ରୀ ଭି,କେ ପାଣ୍ଡିଆନ୍ ବର୍ତ୍ତମାନ ରାଜ୍ୟ ବିଜେଡିରେ ରାଜନେତା ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ କେବଳ ପ୍ରଶାସକର ପଦବୀରେ ରହିଥିଲେ, କିନ୍ତୁ ଆଜିଠାରୁ ରାଜନେତା ଭାବରେ ଗୁରୁଦାୟିତ୍ୱ ସେ କାନ୍ଧକୁ ନେଇଛନ୍ତି । ପୂର୍ବରୁ ସେ ସ୍ୱେଚ୍ଛାକୃତ ଭାବରେ ଅବସର ଘୋଷଣା କରିଥିଲେ । ଗତ ଅକ୍ଟୋବର ୨୦ ତାରିଖରେ ଭିଆରଏସ ପାଇଁ ଆବେଦନ କରିଥିବା ବେଳେ ୨୩ ତାରିଖରେ ଏହି ଆବେଦନକୁ ଅନୁମତି ପ୍ରଦାନ କରିଥିଲେ କେନ୍ଦ୍ର ସରକାର । ବର୍ତ୍ତମାନ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ବିଜେଡିର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି ଫାଇଭ-ଟି ସଚିବ ଭି.କେ ପାଣ୍ଡିଆନ୍ ।

## ଗ୍ୟାସ୍ କଟରରେ ଏଟିଏମ କାଟିଲେ, ଅଖାରେ ଟଙ୍କା ପୂରାଇ ନେଇଗଲେ



ଭୁବନେଶ୍ୱର, ୨୭।୧୧(ପି.ଏନ): ଗ୍ୟାସ୍ କଟରରେ ଏଟିଏମ କାଟିଲେ। ଅଖାରେ ଟଙ୍କା ପୂରାଇ ନେଇଗଲେ। ଆଉ ଗଲାବେଳେ ଶର୍ଟର ପକାଇ ଚାଲିଗଲେ। ଏପରି ଲୁଟ୍ ବାଲେଶ୍ୱର ଜିଲ୍ଲା ସୋର ଥାନା ଅଞ୍ଚଳରେ ଘଟିଛି। ୨୦ ଲକ୍ଷରୁ ଅଧିକ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।ବାହାନଗା ବଜାରରେ ରହିଛି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଏଟିଏମ୍। ରବିବାର ବିଳମ୍ବିତ ରାତିରେ ଦୁଇ ଲୁଟେରା ମୁହରେ ଗାମୁଛା ଓ ହାତରେ ଗ୍ଲୋସ ପିନ୍ଧି ଏଟିଏମ୍ ଭିତରେ ପଶିଥିଲେ। ସେମାନେ ପ୍ରଥମେ ଏଟିଏମ୍ ଶର୍ଟରକୁ ଭିତର ପାର୍ଶ୍ୱରୁ ପକାଇ ଦେଇଥିଲେ। ତା'ପରେ ଏଟିଏମ୍ ମେଶିନକୁ ଗ୍ୟାସ୍ କଟରରେ କାଟି ଥିଲେ। ପରେ ଏଟିଏମରୁ ଟଙ୍କା କାଢ଼ି ଏକ ଅଖାରେ ପୂରାଇଥିଲେ।

## ବୋଇତ ବନ୍ଦାଣ ଓ ବନ୍ଦର ଦିବସରେ ଯୋଗ ଦେଲେ ମହାମହିମ ରାଷ୍ଟ୍ରପତି



ପାରାଦୀପ, ୨୭।୧୧(ପି.ଏନ): ସୋମବାର ଦିନ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ବୋଇତ ବନ୍ଦାନ ଓ ବନ୍ଦର ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମହାମହିମ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ । ସୋମବାର ଦିନ ପୂର୍ବାହ୍ନରେ ଭାରତୀୟ ବାୟୁସେନାର ହେଲିକ୍ୟାପ୍ଟରରେ ଆସି ଗୋବବନ୍ଧୁ ଷ୍ଟାଡିୟମ ପରିସରରେ ହେଲିପ୍ୟାଡ଼ରେ ଓହ୍ଲାଇଥିଲେ । ସେଠାରୁ ପାରମ୍ପାରିକ ଲୋକନୃତ୍ୟ ସହିତ ତାଙ୍କୁ ପାଛୋଟି ଅଣାଯାଇଥିଲା । ରାସ୍ତାକଡରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଦେଖି ମହାମହିମ ରାଷ୍ଟ୍ରପତି ଗାଡିରୁ ଓହ୍ଲାଇ ସେମାନଙ୍କ ସହିତ ବାବ ବିନିମୟ କରିଥିଲେ। ସେଠାରୁ ମହାମହିମ ରାଷ୍ଟ୍ରପତି ବୋଇତ ବନ୍ଦାଣସ୍ଥଳକୁ ଆସିଥିଲେ । ସେଠାରେ ଉପସ୍ଥିତ ସାଧବାଣୀମାନଙ୍କୁ ଶୁଭେଚ୍ଛା ଜଣାଇ ଓଡିଶାର ଅସ୍ମିତାର ପ୍ରତୀକ ବୋଇତକୁ ବନ୍ଦାଇଣ କରିବା ପରେ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଔପଚାରିକତାର ଦୃଷ୍ଟାଂ ସ୍ୱରୂପ ଭାରତୀୟ ତଟରକ୍ଷୀ ବାହିନୀର ଜାହାଜ ଅମୋଘରେ ବସି ବନ୍ଦର ମଧ୍ୟକୁ ଯାତ୍ରା କରିଥିଲେ । ଏହି ଅବସରରେ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ସଭାରେ ମହାମହିମ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ମହାମହିମ ରାଷ୍ଟ୍ରପତି ଜନସାଧାରଣଙ୍କୁ ଅଭିବାଦନ ଜଣାଇ ଯୁବପିଢିଙ୍କୁ ଯୋଗ୍ୟତାଭିତ୍ତିରେ ଚାକିରୀ କରିବା ସହ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ଉପଦେଶ ଦେଇଥିଲେ । ଯୁବପିଢିମାନେ ନୂଆ ନୂଆ ଶିଳ୍ପ ପ୍ରତିଷ୍ଠାରେ ମଧ୍ୟ ମନୋନିବେଶ କରିବା ସହିତ ନିଜେ ରୋଜଗାରକ୍ଷମ ହୋଇ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରିବାକୁ ପରାମର୍ଶ ଦେଇଥିଲେ । ସମୁଦ୍ର ସବୁବେଳେ ସୃଜନଶୀଳ ତେଣୁ ଭାରତୀୟ ଉପଦ୍ୱୀପର ବାଣିଜ୍ୟ ବ୍ୟବସାୟ ଅର୍ଥନୈତିକ ଓ ଆଂଜତିକ ସମ୍ପର୍କର ସ୍ରଷ୍ଟା ସମୁଦ୍ର ବୋଲି ସେ ଅଭିହିତ କରିଥିଲେ। ପାରାଦୀପ ବନ୍ଦର ଆଜି ବିଶ୍ୱର ଶ୍ରେଷ୍ଠ ବନ୍ଦର ଭାବେ ଗୌରବ ହାସଲ କରିଛି । ସାମଗ୍ରୀ ପରିବହନ ପାଇଁ କେନ୍ଦ୍ର ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ପାରାଦୀପ ବନ୍ଦରକୁ ସାଗର ଶ୍ରେଷ୍ଠ ବନ୍ଦର ସମ୍ମାନରେ ସମ୍ମାନିତ କରିଥିବାରୁ ସେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ମହାମହିମ ରାଷ୍ଟ୍ରପତି ୨୬୦ କୋଟି ବ୍ୟୟ ଅଟକଳରେ ନିର୍ମିତ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କର ଶୁଭ ଉଦଘାଟନ କରିଥିଲେ। ଏଥି ସହିତ ବନ୍ଦର ସହରକୁ ନିରବଚ୍ଛିନ୍ନ ଜଳ ଯୋଗାଣ ପାଇଁ ରାଷ୍ଟ୍ରପତି ଏକ ନୂତନ ଜଳାଶୟ ଓ ଜଳ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୫୦ ନିୟୁତ ଲିଟର କ୍ଷମତା ସମ୍ପନ୍ନ ଏହି ଜଳାଶୟ ଦ୍ୱାରା ପ୍ରତିଦିନ ୧୬ ନିୟୁତ ଲିଟର ଜଳ ଉତ୍ପାଦିତ ହେବ । ଏହା ପରେ ମହାମହିମ ରାଷ୍ଟ୍ରପତି ଭିଟିଏମ୍ ଆଇଏସ୍ କ୍ଷମତା ସମ୍ପନ୍ନ ସିଗନାଲ ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶାର ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ବିକାଶ ତଥା ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଶ୍ରୀପଦ ନାୟକ, କେନ୍ଦ୍ର ଜାହାଜ ଚଳାଚଳ ଓ ଜଳମାର୍ଗ ରାଷ୍ଟ୍ରମନ୍ତ୍ରୀ ଶା'ନୁ ଠାକୁର, ରାଜ୍ୟ ଖାଦ୍ୟ ଯୋଗାଣ ଓ ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଯୋଗ ଦେଇଥିଲେ । ଜଗତସିଂହପୁର ସାଂସଦ ଡାଃ.ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଜିଲ୍ଲାପାଳ ପାରୁଲ ପଟୱାରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ପିଆର ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ ।

## ବାବା ଧବଳେଶ୍ୱର ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ :ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୨୭।୧୧(ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଧବଳେଶ୍ୱର ପୀଠରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି ।ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ 'କାର୍ତ୍ତିକ ପୂର୍ଣ୍ଣିମା' ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏକ ଅନନ୍ୟ ନିଦର୍ଶନ ।ଆଜିର ଏହି ଶୁଭ ଦିନରେ ବାବା ଧବଳେଶ୍ୱର ମନ୍ଦିରରେ ପ୍ରଥମ ଥର ପାଇଁ ଦର୍ଶନ କରିବାର ସୌଭାଗ୍ୟ ଲାଭ କଲି । ବାବା ଧବଳେଶ୍ୱର ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ । ଆମ ଦେଶ ଭାରତ ଏବଂ ଆମ ରାଜ୍ୟ ଓଡ଼ିଶା ଉପରେ ବାବାଙ୍କର ଆଶୀର୍ବାଦ ସର୍ବଦା ରହିଥାଉ । ଶ୍ରୀ ପ୍ରଧାନ ପ୍ରଭୁଙ୍କ ପାଖରେ ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଖୁସି ଓ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି ।

## ବାଣ୍ଟିଲା ବସୁଧୈବ କୁଟୁମ୍ବକଂର ବାର୍ତ୍ତା, ବାଣିଜ୍ୟ ମାଧ୍ୟମରେ ଏକୀକୃତ କଲା ୫ ଲକ୍ଷ ଲୋକଙ୍କୁ



ନୂଆଦିଲ୍ଲୀ, ୨୭।୧୧(ପି.ଏନ): ଭାରତ ବାଣିଜ୍ୟ ପ୍ରୋତ୍ସାହନ ସଂଗଠନ ଦ୍ୱାରା ୪୨ତମ ଭାରତ ଆନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଅଂଶଗ୍ରହଣକାରୀ ରାଜ୍ୟମାନଙ୍କର ପାଭିଲିୟନ ମଧ୍ୟରୁ ଶ୍ରେଷ୍ଠ ପାଭିଲିୟନ ଭାବେ ଓଡିଶା ପାଭିଲିୟନକୁ ସ୍ୱର୍ଣ୍ଣ ପୁରସ୍କାରରେ ପୁରସ୍କୃତ କରାଯାଇଛି । ନୂଆଦିଲ୍ଲୀସ୍ଥିତ ପ୍ରଗତି ମୈଦାନର ପରିସରରେରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ଓଡିଶା ତରଫରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ ଏବଂ ଓଡିଶା ପାଭିଲିୟନର ନିର୍ଦ୍ଦେଶକ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସୂର୍ଯ୍ୟ ରଞ୍ଜନ ମହାନ୍ତି ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନରର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ ସିଂହ ଖରୋଲାଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ପୁରସ୍କାର ପାଇବା ପାଇଁ ଓଡିଶା ଯୋଗ୍ୟ ବିବେଚିତ ହୋଇଛି ବୋଲି ଭାରତ ବାଣିଜ୍ୟ ପ୍ରୋତ୍ସାହନ ସଂଗଠନ ତରଫରୁ ଗତକାଲି ସୂଚନା ମିଳିବା ପରେ, ଓଡିଶା ପାଭିଲିୟନରେ ଖୁସିର ଲହରୀ ଖେଳିଯାଇଥିଲା । ପରେ ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟିବା ସହିତ ଅନ୍ୟ ରାଜ୍ୟ ପାଭିଲିୟନ୍ ଗୁଡିକ ମଧ୍ୟ ଓଡିଶା ପାଭିଲିୟନକୁ ଆସି ସେମାନଙ୍କର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।ଚଳିତ ବର୍ଷର ବିଷୟବସ୍ତୁ "ବସୁଧୈବ କୁଟୁମ୍ବକମ୍, ୟୁନାଇଟେଡ୍ ବାଇ ଟ୍ରେଡ୍" ଆଧାରରେ ପ୍ରାଚୀନ କଳିଙ୍ଗର ଗୌରବମୟ ନୌବାଣିଜ୍ୟ ପରମ୍ପରା ଏବଂ ଉତ୍କଳୀୟ କଳାକୃତିକୁ ପ୍ରଗତି ମୈଦାନର ୨ ନମ୍ବର ହଲରେ ଜୀବନ୍ତ ଭାବେ ପ୍ରଦର୍ଶିତ କରିଥିବା ଓଡିଶା ପାଭିଲିୟନ ପ୍ରଥମ ଦିନରୁହିଁ ଦର୍ଶକମାନଙ୍କ ଅହେତୁକ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ଓଡିଶା ମଣ୍ଡପରେ ରାଜ୍ୟ ସରକାରଙ୍କ ଓରମାସ, ମିଶନ ଶକ୍ତି, ହସ୍ତତନ୍ତ ଓ ବୟନ, ଓଡିଶା ମିଲେଟ ମିଶନ, ଅଣୁ-କ୍ଷୁଦ୍ର-ମାଧ୍ୟମ ଉଦ୍ୟୋଗ, ପର୍ଯ୍ୟଟନ, ଜନଜାତି ଉନ୍ନୟନ, ହସ୍ତଶିଳ୍ପ ଆଦି ୮ଟି ବିଭାଗ/ସହଯୋଗୀ ସଂସ୍ଥାମାନଙ୍କର ୨୪ ଟି ଷ୍ଟଲ ସ୍ଥାନ ପାଇଥିଲା । ନୌକାର ଡେକ ଓ ଷ୍ଟଲ ଉଭୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ହସ୍ତଶିଳ୍ପୀମାନଙ୍କ ଦ୍ୱାରା ଉତ୍ପାଦିତ କରୁଣା ରେଶମ ବସ୍ତ୍ର ଏବଂ ସମ୍ବଲପୁରୀ, ଟସର, ଡଙ୍ଗରିଆ ଜନଜାତି ଶାଲ ଓ କୋଟପାଡ ହସ୍ତତନ୍ତ ଲୁଗା ସମେତ ଧାନ, କାଷ୍ଠ, ପ୍ରସ୍ତର, ସବାଇ ଘାସ, କାଇଞ୍ଚ, ଅଦରକାରୀ କାଗଜ ଆଦିରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀ ଏବଂ ଲାଞ୍ଜିଆ ସଉରା ଚିତ୍ର କଳା, ରଘୁରାଜପୁର ପଟ୍ଟଚିତ୍ର, ପିପିଲି ଚାନ୍ଦୁଆ ସହିତ ମିଲେଟ ଜାତୀୟ ବିଭିନ୍ନ ଖାଦ୍ୟଦ୍ରବ୍ୟ ଉପଲବ୍ଧ ମିଳୁଥିଲା ।ଗତ ୧୪ ତାରିଖରେ ଓଡିଶାର ମାନନୀୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ସାର୍ବଜନୀନ ଉଦ୍‌ଯୋଗ ଏବଂ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା ସୁଦୃଶ୍ୟ ଓଡ଼ିଶା ପାଭିଲିୟନକୁ ଉଦଘାଟନ କରିଥିବା ବେଳେ ଆଇ.ଟି.ପି.ଓ. ପରିସରସ୍ଥ ଆମ୍ଫି ଥିଏଟର-୧ରେ ଆୟୋଜିତ ଓଡିଶା ଦିବସ ରାଜ୍ୟ ଦିବସ ସମାରୋହରେ ମାନ୍ୟବର ପଞ୍ଚାୟତି ରାଜ ଓ ପାନୀୟ ଜଳ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ସେହିପରି ବାଣିଜ୍ୟ ମେଳା ଅବଧିର ବିଭିନ୍ନ ଦିବସରେ ଖ୍ୟାତନାମା ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମ ବିଭୂଷଣ ଶ୍ରୀଯୁକ୍ତ ସୁଦର୍ଶନ ସାହୁ, ଓଡିଶାର ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା, ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂ, ସୁଶୀଲ କୁମାର ଲୋହାନୀ ଓ ବିଶାଳ ଦେବ, ଓରମାସର ନିର୍ଦ୍ଦେଶିକା ଗୁହା ପୁନମ ତାପସ କୁମାର, ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ଶୋଭନ କ୍ରୀଷ୍ଣା ସାହୁ, ବୟନିକାର ପରିଚାଳନା ନିର୍ଦ୍ଦେଶିକା ପ୍ରଣତି ଛୋଟରାୟ, ଆସାମର ଶିକ୍ଷମନ୍ତ୍ରୀ ଶ୍ରୀ ବିମଲ ବରୁଆ, ହିମାଚଳ ପ୍ରଦେଶର ଶିଳ୍ପ ମନ୍ତ୍ରୀ ଶ୍ରୀ ହର୍ଷ ବର୍ଦ୍ଧନ ଚୌହାନ, କେରଳ ରାଜ୍ୟପାଳଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଦେବେନ୍ଦ୍ର କୁମାର ଧୋଡାଓ୍ୱତ, ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗର ମହାନିର୍ଦ୍ଦେଶକ ଡଃ. ମୃତ୍ୟୁଞ୍ଜୟ ମହାପାତ୍ର, ପଶ୍ଚିମବଙ୍ଗର ଆବାସିକ ଆୟୁକ୍ତ ଶ୍ରୀମତୀ ଉଜ୍ଜୟିନୀ ଦତ୍ତ, ରାଜସ୍ଥାନର ଶିଳ୍ପ ବିଭାଗ ଯୁଗ୍ମ ଆୟୁକ୍ତ ଶ୍ରୀ ପି. ଏନ. ଶର୍ମା, ଝାଡଖଣ୍ଡର ନୃତତ୍ତ୍ୱ ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର, ଜନଜାତି ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣୀ ତ୍ରିପାଠୀ, ପ୍ରେସ କାଉନସିଲ ଅଫ ଇଣ୍ଡିଆର ସଦସ୍ୟ ଶ୍ରୀ ପ୍ରସନ୍ନ କୁମାର ମହାନ୍ତି, ଏୟାର ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶିକା ଶ୍ରୀମତୀ ମିନାକ୍ଷୀ ମଲ୍ଲିକ, ଓଡିଶା ପର୍ଯ୍ୟଟନ ନିଗମର ମାନନୀୟ ଅଧ୍ୟକ୍ଷ ଡଃ. ଲେନିନ ମହାନ୍ତି, ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ମାନନୀୟା ସମ୍ପାଦିକା କସ୍ତୁରୀ ମହାପାତ୍ରଙ୍କ ସମେତ କେନ୍ଦ୍ର ସରକାର, ଓଡିଶା ସରକାର, ଅନ୍ୟ ରାଜ୍ୟର ବରିଷ୍ଠ ପଦାଧିକାରୀ ଏବଂ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନର ଉଚ୍ଚ ପଦାଧିକାରୀ ପ୍ରମୁଖ ଓଡିଶା ମଣ୍ଡପ ପରିଦର୍ଶନ କରି, ଏହାର ପରିକଳ୍ପନା, ନିର୍ମାଣ, ସାଜସଜ୍ଜା, କଳାକୃତିର ପରିସ୍ଫୁଟନ, ପରିଷ୍କାର ପରିଚ୍ଛନ୍ନତା, ଗ୍ରାହକ ଓ ତଥ୍ୟ ସଂଗ୍ରହକାରୀଙ୍କ ପ୍ରତି ଉତ୍କୃଷ୍ଟ ଆତିଥେୟତା ଏବଂ ଅନ୍ୟାନ୍ୟ ବ୍ୟବସ୍ଥାର ଭୂୟସୀ ପ୍ରଶଂସା କରିଥିଲେ । ଗତ ୧୯ ତାରିଖ ଦିନ ପ୍ରଗତି ମୈଦାନର ଆମ୍ଫି ଥିଏଟରରେ ଆୟୋଜିତ ଓଡିଶା ରାଜ୍ୟ ଦିବସ ଅବସରରେ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ସ୍ୱତନ୍ତ୍ର ସଂଖ୍ୟା ଲୋକାର୍ପିତ ହୋଇଥିଲା । ପରେପରେ, ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର କଳାକାରମାନଙ୍କ ଦ୍ୱାରା ଓଡିଶୀ, କୋରାପୁଟ ଜିଲ୍ଲା ବୈପାରିଗୁଡାର ଆଦର୍ଶ ଆଦିବାସୀ ନୃତ୍ୟକଳା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଧରୁଆ ଜନଜାତି ସଂପ୍ରଦାୟର ବିର୍ଲି ନୃତ୍ୟ, ବରଗଡ ବଉଳ ଝୁପା ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଡାଲଖାଇ ନୃତ୍ୟ ସହିତ ଦେଶ ବିଦେଶରେ ହରହର ଶମ୍ଭୁ ଗୀତକୁ ନେଇ ଚର୍ଚ୍ଚିତ ଅଭିଲିପ୍ସା ପଣ୍ଡାଙ୍କ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମକୁ ହଜାର ହଜାର ଦର୍ଶକ ମନଭରି ଉପଭୋଗ କରିଥିଲେ ।ବିଗତ ୧୪ ଦିନ ମଧ୍ୟରେ ଓଡିଶା ମଣ୍ଡପକୁ ୫ ଲକ୍ଷ ଲୋକ ଆସିଥିବା ବେଳେ ପାଖାପାଖି ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିଲା । ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନର କର୍ମକର୍ତ୍ତାଙ୍କ ସକ୍ରିୟ ସହଯୋଗ ତଥା ନୂଆଦିଲ୍ଲୀରେ ଅବସ୍ଥାପିତ ଓଡିଶାର ଆବାସିକ ଆୟୁକ୍ତ ଶ୍ରୀ ରବିକାନ୍ତ, ଉପାୟୁକ୍ତ ଶ୍ରୀ ସୁଧାଂଶୁ କୁମାର ମହାନ୍ତି ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦିତ ହୋଇଥିଲା ।ଆଜିର ଏହି ପୁରସ୍କାର ଗ୍ରହଣ ଉତ୍ସବରେ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଂଗଠନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ରଜତ ଅଗ୍ରଓ୍ୱାଲ, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ(ପ୍ରକଳ୍ପ) ଶ୍ରୀ ମଥୁରା ପ୍ରସାଦଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ, ପ୍ରଦର୍ଶନୀ ଅଧିକାରୀ ଶ୍ରୀ ଦୀପକ କୁମାର ସାହୁ ଏବଂ ବାଣିଜ୍ୟ ମେଳା ପାଇଁ ନିୟୋଜିତ ସୂଚନା ଓ ଲୋକସମ୍ପର୍କ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।ଚଳିତ ବର୍ଷ ଓଡିଶାକୁ ପ୍ରାପ୍ତ ଆନୁମାନିକ ୫୫୦ ବର୍ଗ ମିଟର ସ୍ଥାନରେ ନିର୍ମିତ ଓଡିଶା ମଣ୍ଡପର ଡିଜାଇନ ପରିକଳ୍ପନା ଭୁବନେଶ୍ୱରର ଇମାଜେରି କରିଥିବା ବେଳେ କଟକର ଭାରତୀ ଚିତ୍ରାଳୟ ଅତି ନିଖୁଣ ଭାବେ ଏହାର ନିର୍ମାଣ କାର୍ଯ୍ୟ ସମ୍ପାଦନ କରିଥିଲେ ।

## ଆସନ୍ତାକାଲିଠୁ ରତ୍ନଭଣ୍ଡାର ଲେଜର ସ୍କାନିଂ: ଏଏସଆଇ ଦେବ ଫାଇନାଲ ରିପୋର୍ଟ



ପୁରୀ, ୨୭।୧୧(ପି.ଏନ): ଆସନ୍ତାକାଲିଠୁ ରତ୍ନଭଣ୍ଡାରର ଲେଜର ସ୍କାନିଂ ଆରମ୍ଭ ହେବ । କାର୍ତ୍ତିକ ମାସରେ ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ପୂର୍ଣ୍ଣିମା ପରଦିନ ଏହି ସ୍କାନିଂ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ବାହାର ପଟ କାନ୍ଥର ପ୍ରଥମେ ସ୍କାନିଂ କରାଯାଇ ଫାଟ ଏବଂ ଅନ୍ୟାନ୍ୟ ସମସ୍ୟାକୁ ସମୀକ୍ଷା କରାଯିବ । ପରେ ପାର୍ଶ୍ୱ ଦେବ ଦେବୀଙ୍କ ମନ୍ଦିରକୁ ମଧ୍ୟ ସ୍କାନିଂ କରାଯିବ ।ବାହାର କାନ୍ଥର ସ୍କାନିଂ କରି ଫାଇନାଲ ରିପୋର୍ଟ ପ୍ରଦାନ କରିବ ଏଏସଆଇ । ଏହା ପରେ ଏ ନେଇ ବୈଷୟିକ ଟିମ ଏନେଇ ସମୀକ୍ଷା କରିବ । ତେବେ ଏହାପରେ ରତ୍ନଭଣ୍ଡାର ପ୍ରସଙ୍ଗରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି ।

## ସ୍ନାପଚାଟ, ହ୍ୱାଟସଆପ ଓ ଛୋଟ ପାର୍ସଲ: କେମିତି ଶିକ୍ଷାର୍ଥୀଙ୍କ ପାଖରେ ପହଞ୍ଚୁଥିଲା ଡ୍ରଗ୍ସ ?



ଭୁବନେଶ୍ୱର, ୨୭।୧୧(ପି.ଏନ): ନିଶା କବଳରେ ଯୁବପିଢ଼ି। କଲେଜ ଶିକ୍ଷାର୍ଥୀଙ୍କୁ ଡ୍ରଗ୍ସ ଯୋଗାଇ ଦେଉଥିବା ଗ୍ୟାଙ୍ଗର ପର୍ଦ୍ଦାଫାସ। ପୁଲିସ୍ ପଞ୍ଝାରେ କୁଖ୍ୟାତ ନିଶା ମାଫିଆ। କଲେଜ ଛାତ୍ରଙ୍କୁ ଡ୍ରଗ୍ସ ସପ୍ଲାଏ କରୁଥିବା ଗ୍ୟାଙ୍ଗର ୯ ଜଣଙ୍କୁ ନୋଏଡା ପୁଲିସ୍ ଧରିଛି। ସେମାନଙ୍କ ଠାରୁ ଭାରତୀୟ ଓ ବିଦେଶ ବ୍ରାଣ୍ଡର ଡ୍ରଗ୍ସ ଜବତ କରାଯାଇଛି।ଏହି ଜବତ ନିଶା ଦ୍ରବ୍ୟଗୁଡିକ ମଧ୍ୟରେ ୧୫ କେଜି ଗଞ୍ଜେଇ, ୩୦ ଗ୍ରାମ କୋକେନ, ୨୦ ଗ୍ରାମ ଏମଡିଏମଏ(ବଟିକା) ଓ ୧୫୦ ଗ୍ରାମ ହାଶ ରହିଛି। ଏଗୁଡିକର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଅଧିକ ହେବ








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଭିଏତ୍‌ନାମ ଭଳି ଦେଶରେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଚିହ୍ନିରଖ ଭ୍ରାତାଙ୍କ ବଦନ...

ଆମ ଓଡ଼ିଆରେ ଏକ ଲୋକକଥା ଅଛି 'ଭାଇ ଚିହ୍ନିରଖ ଭ୍ରାତାଙ୍କ ବଦନ' ଅର୍ଥାତ୍ ଆମେ ସାଧାରଣରେ ମିଶୁଥିବା ବା ସମ୍ପର୍କ ରଖୁଥିବା ଅନେକ ଲୋକଙ୍କ ମୁଖା ପଛର ସତ ଜାଣି ପାରୁନଥାଉ। ଜଣେ ବାହାରକୁ ପ୍ରତିଷ୍ଠିତ ହୋଇପାରେ, ରୂପ ସୌନ୍ଦର୍ଯ୍ୟରେ ଗୁଣବାନ ହୋଇପାରେ, ଅର୍ଥ, ପ୍ରତିପତ୍ତି, କ୍ଷମତା, ବାହୁବଳ ଥାଇପାରେ, ହେଲେ ଚରିତ୍ର ନଥିଲେ ସବୁ ଅସାର ପରି ଯଦି ସେମାନଙ୍କ ଭିତରେ ସର୍ବନିମ୍ନ ମାନବିକତାର ଗୁଣ ନରହିବ ତାହାହେଲେ ସେମାନେ ମନୁଷ୍ୟ ପଦବାଚ୍ୟ ନୁହଁନ୍ତି। ସେଇଥିପାଇଁ ଜଣେ ଜଣେ ଆମ ସାମ୍ନାରେ ବା ସମାଜ ଆଗରେ ସେମାନଙ୍କ ଖରାପ କାର୍ଯ୍ୟକଳାପର ପ୍ରମାଣିତ ହୋଇ ଚିହ୍ନଟ ହୋଇଗଲା ପରେ ଅନ୍ୟମାନଙ୍କ ପାଇଁ କଥାଟି ସ୍ପଷ୍ଟ ଭାବେ କୁହାଯାଇଥାଏ ଯେ ଚିହ୍ନିରଖ ଭ୍ରାତାଙ୍କ ବଦନ ଅର୍ଥ ଆପଣଙ୍କ ସାମ୍ନାରେ ସେମାନେ ଭଦ୍ରଲୋକ ହୋଇପାରନ୍ତି କିନ୍ତୁ ତାଙ୍କ କଳା କାର୍ଯ୍ୟକଳାପକୁ ଆଖି ଆଗରେ ଦୃଷ୍ଟିରେ ରଖି ସେମାନଙ୍କ ଠାରୁ ଦୂରେଇବା ଚାଣକ୍ୟ ନୀତିରେ ଯାଉଛି। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣାର ବୟସ୍କା ସମାଜ ସେବିକା ବାସନ୍ତୀ ଆଚାର୍ଯ୍ୟ ଘରେ ନଥିବାବେଳେ ତାଙ୍କ ସ୍ୱାମୀ ଶଶୀକାନ୍ତ ଆଚାର୍ଯ୍ୟ, ସାବତପୁଅ ସତ୍ୟଜିତ ଓ ସାବତ ବୋହୂ ରୀତା ଆଚାର୍ଯ୍ୟ ତାଲା ଭାଙ୍ଗି ସମସ୍ତ ଆସବାସପତ୍ର ଓ ଘରକୁ ନିଜ କବ୍‌ଜାକୁ ନେଇଗଲେ। ସ୍ଥାନୀୟ ଆଇଆଇସି ସୁଧୀର ସାହୁ, ଏସପି, ଡିସିପିଙ୍କ ସମ୍ଭବତଃ ଅନୁମତି ନେଇ ସେମାନେ ଏହି କଳାକାରନାମା କରିଛନ୍ତି। ଉଚ୍ଚକର୍ତ୍ତୃପକ୍ଷଙ୍କ ପାଖକୁ ଅଭିଯୋଗ ପାଇଁ ଗଲାବେଳକୁ ସମସ୍ତେ କହୁଛନ୍ତି ଏହା ସିଭିଲ କେସ। ଜଣେ ନଥିବାବେଳେ ଜଣଙ୍କ ଘର ଅକ୍ତିଆର କରିବା, ତାଲା ଭାଙ୍ଗିବା, ମାଡ଼ ମାରିବା, ବିଷାକ୍ତ ଛୁଞ୍ଚ ଫୋଡ଼ିବା ଏହା କେଉଁଦିନ ସିଭିଲ କେସ ପର୍ଯ୍ୟାୟରେ ଭାରତୀୟ ସମ୍ବିଧାନ ଉଲ୍ଲେଖ କରିସାରିଲାଣି, ତାହା ଆମେ ଜାଣୁନା। ବଡ଼ ଦୁର୍ଭାଗ୍ୟର କଥା ଏହି ତଥାକଥିତ ବାହାରକୁ ଭଦ୍ରମୁଖା ଦେଖାଇ ଚମତ୍କାର ଅଭିନୟ କରୁଥିବା ଶଶୀକାନ୍ତ ଆଚାର୍ଯ୍ୟ ଏପରି କାର୍ଯ୍ୟରୁ ବିରତ ରୁହନ୍ତୁ ବୋଲି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ଝିଅ କୃଷ୍ଣା ମହାନ୍ତି, ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ସଭାପତି ପଦ୍ମଚରଣ ନାୟକ ଅନୁରୋଧ ପୂର୍ବକ ଯେତେ ବୁଝେଇଲେ ମଧ୍ୟ ଶଶୀକାନ୍ତ ଆଚାର୍ଯ୍ୟ ନିଜ କ୍ଷମତା, ଅର୍ଥ ଓ ପ୍ରତିପତ୍ତିକୁ ଦେଖାଇ ଜୁଲମ କରୁଛନ୍ତି। ଦୁର୍ଭାଗ୍ୟର କଥା ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ମନୋଜ ସ୍ୱାଇଁ ନାମକ ଜଣେ ଭଦ୍ରବ୍ୟକ୍ତି ଯାହାଙ୍କ ଫୋନ ନମ୍ବର ଆଠଚାରିପାଞ୍ଚସାତଶୂନତିନିତିନିଦୁଇଦୁଇପାଞ୍ଚ, ଏହି ବ୍ୟକ୍ତି ବାସନ୍ତୀ ଆଚାର୍ଯ୍ୟଙ୍କୁ ତାଙ୍କ ଆଡୁ ଫୋନ କରି ମୁଁ ପାଣ୍ଡିଆନଙ୍କ ପିଏ କହୁଛି ମୋତେ ରାତି ଦଶଟା ପରେ ଫୋନ କରନ୍ତୁ। ବିଭିନ୍ନ ଅଭଦ୍ର କଥା କହି ଏହି ତଥାକଥିତ କଜଳପାତିଆ ଭଦ୍ରଲୋକ କୌଣସି ଅସତ୍ ଉଦ୍ଦେଶ୍ୟ ସମ୍ଭବତଃ ରଖିଛନ୍ତି। ଓଡ଼ିଶାରେ ମାଆକୁ ସମ୍ମାନ ଦେଉଥିବା ଲୋକପ୍ରିୟ ସରକାରଙ୍କ ୫ଟି ସଚିବଙ୍କ ନାମ ନେଉଥିବା ଏହି ଭଦ୍ରମୁଖାଧାରୀଙ୍କ ଅସଲ ଚେହେରା ସମ୍ବନ୍ଧରେ ମଧ୍ୟ ତଦନ୍ତ କରାଯାଉ।

ବର୍ତ୍ତମାନ ସମୟରେ ବାଳଶ୍ରମିକ ବିଶେଷକରି ଅସହାୟ ଗରିବ ପିଲାମାନଙ୍କୁ ଥଇଥାନ କରାଯାଉଥିବା କେନ୍ଦ୍ର ପାଇଁ ସରକାର ଓ ଅନେକ ଦାତବ୍ୟ ଅନୁଷ୍ଠାନ, ବ୍ୟକ୍ତିବିଶେଷ ଅପରିଯ୍ୟାପ୍ତ ସହଯୋଗ ଦେଉଛନ୍ତି। ସେମାନଙ୍କର ତଥାକଥିତ ପରିଚୟ ନଥିଲେ ବି ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରି ଅନ୍ୟମାନଙ୍କ ସହ ସମକକ୍ଷ କରିବା ପାଇଁ ଏହା ଏକ ସାଧୁ ଉଦ୍ୟମ। ସରକାରଙ୍କ ସହ ଅନେକ ବେସରକାରୀ ସଙ୍ଗଠନ ଓ ଲୋକମାନେ ମଧ୍ୟ ଏ କ୍ଷେତ୍ରରେ ହାତ ଖୋଲା ଖର୍ଚ୍ଚ କରୁଛନ୍ତି। ତେବେ ଦୁର୍ଭାଗ୍ୟର ବିଷୟ ଗାଡ଼କଣାସ୍ଥିତ ଶଶୀକାନ୍ତ ଆଚାର୍ଯ୍ୟଙ୍କ ଘରେ ଜଣେ ବାର ତେର ବର୍ଷର ନାବାଳକକୁ ଜୋର ଜବରଦସ୍ତ ଘର ଭିତରେ ରଖି ଅତ୍ୟାଚାର କରିବା ସହ ନିଷ୍ଠୁର ଭାବେ ବ୍ୟବହାର ଦେଖାଇ ତା'ଠାରୁ କାର୍ଯ୍ୟ ହାସଲ କରୁଛନ୍ତି। ବିଚରା ଅସହାୟ ଗରିବ ପିଲାଟି ଦାନା ଗଣ୍ଡାଏ ପାଇଁ ଏଠି ଅତ୍ୟାଚାର ଜୁଲମ ସହୁଛି। ଇଏ ହେଉଛି ଶଶୀକାନ୍ତ ଆଚାର୍ଯ୍ୟଙ୍କ ପରିଚାଳନାରେ ରାଉରକେଲାରେ ଥିବା ଏକ ଦାତବ୍ୟ ସଙ୍ଗଠନର ଅନ୍ତେବାସୀ। କିନ୍ତୁ ରାଉରକେଲାର ଅନ୍ତେବାସୀ ଜଣଙ୍କ ଅନୁଷ୍ଠାନର ମୁଣ୍ଡିଆଳ ଶଶୀକାନ୍ତ ଆଚାର୍ଯ୍ୟଙ୍କ ଘରେ ଚାକର ପରି କାର୍ଯ୍ୟ କରୁଛନ୍ତି। ଏ କାର୍ଯ୍ୟରେ ଶଶୀକାନ୍ତ ବାବୁଙ୍କୁ ସାହାଯ୍ୟ କରୁଥିବା ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ସତ୍ୟଜିତ ଓ ରୀତା ଯେଉଁମାନେ କି ଅଦାଲତରୁ ଜାମିନରେ ଆସିଛନ୍ତି। ତଥାକଥିତ ଏହି ଘୃଣ୍ୟ ଅପରାଧୀମାନେ ଜେଲଫେରନ୍ତା ହୋଇ ମଧ୍ୟ ସେମାନଙ୍କର ଚୋରମୁହଁ ଟାଣ ପରି ମୁହଁ ତୋଡ଼ ଯାଇନି। ବାପ୍‌ସେ ବେଟା ଯାଦା ପରି ଶଶୀକାନ୍ତ ଆଚାର୍ଯ୍ୟଙ୍କଠାରୁ ତାଙ୍କ ପୁଅ ସତ୍ୟଜିତର ଗୁଣ୍ଡାମୀ ଓ ଦାଦାଗିରି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଛି। ତାଙ୍କ ବୋହୂ ରୀତା ଆଚାର୍ଯ୍ୟ ଭୁବନେଶ୍ୱର ସାଂସଦଙ୍କ ସହ ଉଠାଇଥିବା ଫଟୋ ସୋସିଆଲ ମିଡ଼ିଆରେ ଓ ସମସ୍ତଙ୍କୁ ଦେଖାଇ ନିଜ ମିଛ କ୍ଷମତା ଓ ପ୍ରତିପତ୍ତି ଦେଖାଉଛନ୍ତି। କିନ୍ତୁ ଚୋର ଘର ସବୁଦିନ ଅନ୍ଧାର ନଥାଏ ପରି ଦିନେ ନା ଦିନେ ସତ୍ୟ ସାମ୍ନାକୁ ଆସିବ ଏବଂ ଯୁଗେ ଯୁଗେ ସତ୍ୟ, ଧର୍ମ ଓ ନ୍ୟାୟର ବିଜୟ ହୋଇଛି। ଇଂରାଜୀରେ ଗୋଟିଏ ଧାଡ଼ି ଅଛି 'ଗଡ଼ ସିଜ ଦ ଟ୍ରୁଥ ବଟ ୱେଟ୍ସ' ଅର୍ଥ ଭଗବାନ ସତ୍ୟ ଦେଖାନ୍ତି କିନ୍ତୁ ଟିକେ ବିଳମ୍ବ ହୁଏ। ଆଜିର ସମାଜରେ ବାସନ୍ତୀ ଆଚାର୍ଯ୍ୟଙ୍କ ପରି ପରିଣତ ବୟସରେ ଅତ୍ୟାଚାରକୁ ସାମ୍ନାକରି ନ୍ୟାୟ ପାଇଁ ନିଜ ଅଧିକାର ପାଇଁ, ନିଜ ହକ୍ ପାଇଁ ଲଢୁଥିବା ଅନେକ ମହିଳା ଅଛନ୍ତି। ଦୁଇଓଳି ଖାଇବା ଗଣ୍ଡା ଓ ମୁଣ୍ଡ ଉପରେ ଛାତର ଆଶ୍ରୟ ପାଇଁ ଯେଉଁ ଅନାଥ ଆଶ୍ରମ ବା ଦାତବ୍ୟ ସଙ୍ଗଠନର ପିଲାଟି ଆସିଥିଲା ସାମାଜିକ ସ୍ରୋତରେ ସାମିଲ ହେବାପାଇଁ ସେ ଅନୁଷ୍ଠାନର ବଡ଼ବାବୁଙ୍କ ଘରେ ଅକଥନୀୟ ଯନ୍ତ୍ରଣା ସହି ଆଜି ଜୀବନ ବଞ୍ଚାଉଥିଲେ ବି ସେ ବି ଦିନେ ମୁକ୍ତ ବିହଙ୍ଗ ପରି ସେଠୁ ବାହାରିବ ଏବଂ ତା' ପ୍ରାର୍ଥନା ଭଗବାନ ମଧ୍ୟ ଶୁଣିବେ। ଭଗବାନ ଏହିପରି ଚରିତ୍ରମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ସମାଜରେ ମାନବୀୟ ମୂଲ୍ୟବୋଧ ମଣିଷପଣିଆର ବିଜୟ ହେଉ, ସମସ୍ତେ ଶାନ୍ତିରେ ରୁହନ୍ତୁ ଅନ୍ୟ ମାନଙ୍କୁ ଶାନ୍ତିରେ ରହିବା ପାଇଁ ସୁଯୋଗ ଦିଅନ୍ତୁ, ଏହାହିଁ ହେଉଛି ଆଜିର ସମୟରେ ଶ୍ରେଷ୍ଠ ମାନବିକତା, ଜୀବନଧର୍ମ ଓ ମଣିଷପଣିଆ।

**—ଦେବରଞ୍ଜନ ମିଶ୍ର**

*ଅବସରପ୍ରାପ୍ତ ଅନୁସଚିବ (ପରାମର୍ଶ, ୟୁନିସେଫ), ୧୩୪/ ଶହୀଦ ନଗର, ଭୁବନେଶ୍ୱର*

# ଅମରନାଥ ଶକ୍ତିପୀଠ

ପୂର୍ଣ୍ୟଭୂମି ଭାରତ ବର୍ଷରେ କୋଟି କୋଟି ଦେବୀ ଦେବତା, ଦେବ ପୀଠ ଓ ଶକ୍ତିପୀଠ ମାନ ରହିଛ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଭାରତୀୟ ଉପମହାଦେଶରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ଆଦିଶକ୍ତି ପୀଠ ହେଲେ, (୧)ପୁରୀ ଶ୍ରୀମନ୍ଦିରରେ ପୂଜିତା ମା'ବିମଳା(ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରା ତାରିଣୀ (ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଯୋନିଖଣ୍ଡ) ଓ ୪) କୋଲକତାର ଦକ୍ଷିଣ କାଳୀ(ମୁଖଖଣ୍ଡ)। ତେବେ ୫୧ଟି ଶକ୍ତିପୀଠ ମଧ୍ୟରେ କାଶ୍ମୀରର ମହାମାୟା ଶକ୍ତିପୀଠ(ଅମରନାଥ) ଅନ୍ୟତମ। ଏହା ଅତ୍ୟନ୍ତ ପବିତ୍ର ତୀର୍ଥ ସ୍ଥାନ ଭାବରେ ପରିଚିତ। ଭାରତୀୟ ଉପ-ମହାଦେଶରେ ଏହି ପୀଠର ମହାନତା ରହିଛି। ହିନ୍ଦୁ ଧର୍ମର ପୁରାଣ ଅନୁଯାୟୀ ଯେଉଁ ସ୍ଥାନ ଗୁଡ଼ିକରେ ଦେବୀ ସତୀଙ୍କ ଅଙ୍ଗର ବିଭିନ୍ନ ଅଂଶ, ବସ୍ତ୍ର ଓ ଆଭୁଷଣ ମାନ ବିଂଚି ହୋଇ ପଡ଼ିଥିଲା, ସେଗୁଡ଼ିକ ଶକ୍ତିପୀଠ ଭାବରେ ପରିଚିତ ହେଲେ।

କାଶ୍ମୀରରେ ଅମରନାଥଙ୍କ ପବିତ୍ର ଗୁମ୍ଫାରେ



ଭଗବାନ ଶିବଙ୍କ ହିମ-ଜ୍ୟୋତିର୍ଲିଙ୍ଗ ସାରା ଭାରତରେ ପ୍ରସିଦ୍ଧ। ଏଠାରେ ହିମ-ଶକ୍ତିପୀଠ ମଧ୍ୟ ରହିଛି। ଆହୁରି ମଧ୍ୟ ଏଠାରେ ଏକ ଗଣେଷ ପୀଠ ଓ ଏକ ପାର୍ବତୀ ପୀଠ ବରଫ୍‌ରେ ନିର୍ମିତ ହୋଇଛି। ଏଠାକାର ପାର୍ବତୀ ପୀଠ ହିଁ ଶକ୍ତିପୀଠ ସ୍ଥଳ। ଶ୍ରାବଣ ମାସ ଶୁକ୍ଳ ପୂର୍ଣ୍ଣିମାରେ ଅମରନାଥଙ୍କ ଦର୍ଶନ ସହିତ ପାର୍ବତୀ ଶକ୍ତିପୀଠ ମଧ୍ୟ ଭକ୍ତ ମାନଙ୍କ ଦ୍ୱାରା ଦର୍ଶନ କରାଯାଏ। ଏଠାରେ ମା'ସତୀଙ୍କ ଅଙ୍ଗ ଓ ଅଙ୍ଗ ଭୂଷଣର ପୂଜା କରାଯାଏ। କାରଣ ଏଠାରେ ମାତା ସତୀଙ୍କ ବେକ ଖଣ୍ଡ ପଡ଼ିଥିଲା।

ଏଠାରେ ଶକ୍ତି ମହାମାୟା ତଥା ଭୈରବ 'ତ୍ରିସନ୍ଧେଶ୍ୱର' ଅଟନ୍ତି।

ଜାମ୍ମୁ କାଶ୍ମୀର ରାଜ୍ୟରେ ଅବସ୍ଥିତ ଅମରନାଥ ଖୁବ୍ ପବିତ୍ର ତୀର୍ଥସ୍ଥଳୀ। ଅମରନାଥ ଧାମ ବିଶ୍ୱ ପ୍ରସିଦ୍ଧ ବର୍ଫାନୀ ଶିବ ଲିଙ୍ଗ ସହିତ ମହାମାୟା ଶକ୍ତିପୀଠ ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନୀୟ। ଏହି ସ୍ଥାନରେ ଭଗବାନ ଶିବ ନିଜ ପତ୍ନୀ ପାର୍ବତୀଙ୍କୁ ଅମର ହେବାର ଜ୍ଞାନ ଦେଇଥିଲେ। ଏହି ମନ୍ଦିର ମଧ୍ୟ ଅମରନାଥଙ୍କ ପବିତ୍ର ଗୁମ୍ଫାରେ ଅବସ୍ଥିତ। ଏଠାରେ ଶିବ ଭୈରବଙ୍କୁ 'ତ୍ରିସନ୍ଧେଶ୍ୱର'ଙ୍କ ନାମରେ ପୂଜା କରାଯାଏ। ଅମରନାଥଙ୍କ ଏହି ପବିତ୍ର ଗୁମ୍ଫାରେ, ଯେଉଁଠି ଭଗବାନ ଶିବଙ୍କ ହିମ ଲିଙ୍ଗର ଦର୍ଶନ ହୋଇଥାଏ, ସେଠାରେ ହିଁ ହିମ ନିର୍ମିତ ପାର୍ବତୀ ପୀଠ ରହିଛି। ଏହି ପାର୍ବତୀ ପୀଠ ମହାମାୟା ଶକ୍ତିପୀଠ ଭାବେ ପରିଚିତ। ଅମରନାଥ ଶକ୍ତିପୀଠ କାଶ୍ମୀରର ଶ୍ରୀନଗର ଠାରୁ ୧୪୧ କି.ମି.ଦୂର ୧୨୭୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ଅମରନାଥ ଯାତ୍ରା ଭାରି କଷ୍ଟଦାୟକ ଅମରନାଥ ଗୁମ୍ଫା ପର୍ଯ୍ୟନ୍ତ ଯିବା ପାଇଁ ୨ଟି ବାଟ ରହିଛି। ପ୍ରଥମ: ଶ୍ରୀନଗର ଠାରୁ ୭୦ କି.ମି. ଦୂର ବଲତଲ୍, ଯାହା ପାଦରେ ଚଲା ଯାଇପାରେ। କିନ୍ତୁ ଏହି ରାସ୍ତା ଭାରି ଭୟଙ୍କର। କାରଣ ବର୍ଷାର ବିପଦ ରହିଛି। ଦ୍ୱିତୀୟ: ପହଲଗାମ୍‌ରୁ ଯାତ୍ରା ଆରମ୍ଭ ହୁଏ। ଯାହା ଚନ୍ଦନବାଡ଼ି, ଶେଷନାଗ, ପଂଚତରଣୀ ହୋଇ ଯିବାକୁ ପଡ଼େ। ଏହା ବଲତଲ୍ ରାସ୍ତା ଠାରୁ ବହୁତ ଭଲ ଓ ଚନ୍ଦେବାଡ଼ି ଠାରୁ ୧୬ କି.ମି.ଦୂରରେ ପବିତ୍ର ଅମରନାଥ ଗୁମ୍ଫା ଆସିଥାଏ। ଅଧିକାଂଶ ଯାତ୍ରୀ ଏହି ରାସ୍ତାକୁ ପସନ୍ଦ କରନ୍ତି। ଜାମ୍ମୁ ଠାରୁ ପହଲଗାମ୍ ପର୍ଯ୍ୟନ୍ତ ୧୨ ଘଂଟାର ବସ୍ ଯାତ୍ରା ପରେ ପହଲଗାମ୍‌ରେ ରାତ୍ରି ବିଶ୍ରାମ କରି ପୁଣି ଯାତ୍ରା ଆରମ୍ଭ ହୁଏ। ପ୍ରଥମ ବିଶ୍ରାମ ୧୪ କି.ମି. ଦୂର ଚନ୍ଦନବାଡ଼ୀରେ ହୋଇଥାଏ। ଏହି ବାଟକୁ ପାଦରେ କିମ୍ବା ମିନି ବସ୍‌ରେ ଅତିକ୍ରମ କରିବାକୁ ପଡ଼େ।



୯୫୦୦ ଫୁଟ୍ ଉଚ୍ଚତାରେ ଅବସ୍ଥିତ ଚନ୍ଦନବାଡ଼ୀରେ ଭାରି ଥଣ୍ଡା ଥଣ୍ଡା ପବନ ଦେହକୁ ଶୀତେଇ ଦିଏ। ଏଠାରେ ଯାତ୍ରା ପାଇଁ ଛଡ଼ (ବାଡ଼ି) କିଣିବାକୁ ହୁଏ। କାରଣ ଏଠାରୁ ପଦଯାତ୍ରା ଆରମ୍ଭ ହୁଏ। ପ୍ରାୟ ୩୨ କି.ମି.ସିଧା ଉପରକୁ ଉଠାଣୀ ରାସ୍ତା ହୋଇଥିବାରୁ ବହୁ କଷ୍ଟ ଲାଗିଥାଏ। ପ୍ରତିବର୍ଷ ସ୍ଥାନୀୟ ସରକାର ଶିବ ଭକ୍ତ ମାନଙ୍କ ପାଇଁ ଅମରନାଥ ଯାତ୍ରାର ବ୍ୟବସ୍ଥା କରିଥାନ୍ତି। ଏଠାରେ ଅମରନାଥ ଯାତ୍ରା ମୁଖ୍ୟତଃ ପ୍ରତିବର୍ଷ ଜୁନ୍ ରୁ ଅଗଷ୍ଟ ପର୍ଯ୍ୟନ୍ତ ପାଳନ ହୋଇଥାଏ। ଏହି ଗୁମ୍ଫାରେ ଭକ୍ତମାନଙ୍କୁ ପ୍ରସାଦ ଆକାରରେ ବିଭୂତି ଦିଆଯାଏ। ଏହି ଗୁମ୍ଫା କେବଳ ଅଳ୍ପଦିନ ପାଇଁ ଆଷାଢ଼ ମାସରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ହିଁ ଖୋଲା ରୁହେ।

ପଥୁରିଆ ରାସ୍ତାରେ ପ୍ରାୟ ୩-୪ ଘଂଟାରେ ୩ କି.ମି.ଦୂର ଯାତ୍ରା କରି ୧୧୫୦୦ ଫୁଟ ଉଚ୍ଚତାରେ "ପିସୁ ଟାପୁ"ରେ ପହଂଚି ଟିକେ ବିଶ୍ରାମ କରିବାକୁ ପଡ଼େ। ଏହାପରେ 'ଶେଷନାଗ' ଅର୍ଥାତ୍ ଦ୍ୱିତୀୟ ଆଶ୍ରୟସ୍ଥଳୀ ଆଡ଼େ ଯିବାକୁ ପଡ଼େ। ରାସ୍ତାରେ ଜୋଝିପାଲ୍ ଓ ନାଗାକୋଟୀରେ ଅଳ୍ପ ସମୟ ବିଶ୍ରାମ କରି ୧୨୫୦୦ ଫୁଟ୍ ଉଚ୍ଚତାରେ(ଚନ୍ଦନବାଡ଼ୀ)ରୁ ୧୪ କି.ମି. ଦୂର ଶେଷନାଗରେ ପହଂଚିବାକୁ ହୁଏ। ଚତୁର୍ଦ୍ଦିଗରେ ଉଚ୍ଚ ଉଚ୍ଚ ପାହାଡ଼ ଘେରା ଏକ ବିଶାଳ ହ୍ରଦ ରହିଛି, ଯାହାର ଗଭୀରତା ଅନୁମାନ କରିବା କଷ୍ଟକର। ଏହି ସ୍ଥାନକୁ ଶେଷନାଗଙ୍କ ବାସ ସ୍ଥାନ ବୋଲି କୁହାଯାଏ। ଶେଷନାଗ ବେଳେ ବେଳେ ଭକ୍ତ ମାନଙ୍କୁ ଦର୍ଶନ ଦେଉଥିବା କୁହାଯାଏ। ଏଠାରେ ଥିବା ଟେଂଟ ହାଉସରେ ବିଶ୍ରାମର ସୁବିଧା ସହିତ ଅହରହ ଅନ୍ନଛତ୍ରର ବ୍ୟବସ୍ଥା ରହିଛି। ସୀମା ସୁରକ୍ଷା ବାହିନୀର ଟେଂଟ ହାଉସ୍‌ରେ ଜରୁରୀ କାଳୀନ ଚିକିତ୍ସା ସୁବିଧା ମଧ୍ୟ ଉପଲବ୍ଧ ରହିଛି। ପର ଦିନ ୧୩ କି.ମି. ଦୂରର ପଂଚତରଣୀ (ତୃତୀୟ ବିଶ୍ରାମ ସ୍ଥଳୀ) ଦିଗକୁ ଯାତ୍ରା ଆରମ୍ଭ ହୋଇଥାଏ। ଏହା ଅତି କଠିନ ରାସ୍ତା। ଏବେ ୧୪୮୦୦ ଫୁଟ୍ ଉପରକୁ ଯାତ୍ରା। ଏଠାରେ ପ୍ରବଳ ଥଣ୍ଡା ହାୱା ବଢ଼ିଯାଏ। ଅଳ୍ପ ସମୟ ବିଶ୍ରାମ କରି ଏଠାରୁ ପଂଚତରଣ ପାଇଁ ତଳକୁ ଓହ୍ଲାଇବାକୁ ପଡ଼େ। ରାସ୍ତାରେ ରାବିବାଲ୍ ତଥା ପୋଶପୟରୀ ବାଟ ଦେଇ ତୃତୀୟ ଆଶ୍ରୟସ୍ଥଳ ପଂଚତରଣରେ ବିଶ୍ରାମ ଓ ଅଟକିବାକୁ ହୁଏ। ଏଠାରେ ମଧ୍ୟ ଚିକିତ୍ସା ସୁବିଧା,ବିଶ୍ରାମ ତଥା ଅନ୍ନଛତ୍ରର ସଂପୂର୍ଣ୍ଣ ବ୍ୟବସ୍ଥା ରହିଛି। ଏଠାରୁ ଅମରନାଥ ଗୁମ୍ଫାର ଦୂରତା ମାତ୍ର ୭କି.ମି.। ଏହି ଗୁମ୍ଫା ୧୩୬୦୦ ଫୁଟ୍ ଉଚ୍ଚରେ ଅବସ୍ଥିତ। ଏହି ଯାତ୍ରାରେ କିଛି ଲୋକେ ଘୋଡ଼ାରେ ମଧ୍ୟ ଯାଆନ୍ତି, ମାତ୍ର ଏହି ବ୍ୟବସ୍ଥା ପୂର୍ବରୁ କରିବାକୁ ପଡ଼େ। ଦର୍ଶନ ପୂର୍ବରୁ ଅମରାବତୀ ଝରଣାରେ ସ୍ନାନ କରିବାକୁ ପଡ଼େ। ଅମରନାଥ ଗୁମ୍ଫା ପ୍ରାୟ ୬୦ ଫୁଟ୍ ଲମ୍ବା ଓ ୨୬ ଫୁଟ୍ ଓସାର। ଏହାର ଉଚ୍ଚତା ୧୫ ଫୁଟ୍।





# ସପ୍ତ ଦିବସ ବ୍ୟାପି ଭାଗବତ କଥାମୃତ ଆଲୋଚନାର ଚତୁର୍ଥ ସନ୍ଧ୍ୟା



ଯାଜପୁର,(ପି.ଏନ): ଶୁକ୍ରବାର ଗୀତାଜାଗରଣ ପରିଷଦ ଆନୁକୁଲ୍ୟରେ ସପ୍ତ ଦିବସ ବ୍ୟାପି ଭାଗବତ ଆଲୋଚନାର ତୃତୀୟ ସନ୍ଧ୍ୟାରେ ପରିଷଦର ସଭାପତି ଆଇନଜୀବୀ ପ୍ରତିମା କର ଅଧ୍ୟକ୍ଷତା କରିବା ସହିତ ପ୍ରଦୀପ ପ୍ରଜ୍ୱଳ କରିଥିଲେ। ଉପ-ସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ର ପାଠ କରିଥିଲେ। ସମ୍ପାଦକ ଭାସ୍କର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥିଭାବେ କୁଳମଣୀ ନାୟକ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ସଚିବ ଭାଗବତର ତତ୍ତ୍ୱଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ସୂର୍ଯ୍ୟମଣୀ ପାଟଯୋଶୀ ଯାଜପୁର ପୌରପାଳିକା ନିର୍ବାହି ଅଧିକାରୀ ତାଙ୍କ ବକ୍ତବ୍ୟରେ ଭାଗବତ ପଠନ ପ୍ରତ୍ୟକ ଜୀବନ ପାଇଁ ଆବଶ୍ୟକ; ଏହା ଦ୍ୱାରା ବ୍ୟକ୍ତି ନିଜର ଜୀବନକୁ ଶୃଙ୍ଖଳିତ କରିଥାଏ। ଅନ୍ୟତମ ସମ୍ମାନିତ ଅତିଥି ଗଦାଧର ରାଉତ ଗୀତାଜାଗରଣ ପରିଷଦର ଉ ।ରୋ ର ଉନ୍ନତି କାମନା କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ପ୍ରବଚକ ଡକ୍ଟର କାହ୍ନୁ ଚରଣ ମିଶ୍ର ତାଙ୍କ ବକ୍ତବ୍ୟରେ ଶ୍ରୀକୃଷ୍ଣଙ୍କ ଲିଳାମୃତ ଓ ମାଳିକା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ପ୍ରବଚିକା ସାଇ ଆଦ୍ୟାଜ୍ୟୋତି ଦାଶଙ୍କ ପ୍ରବଚନ ସମସ୍ତଙ୍କୁ ଈଶ୍ୱର ପ୍ରେମୀ କରାଇଥିଲା। ଓଡ଼ିଶୀ ନୃତ୍ୟାଙ୍ଗନା ପ୍ରେରଣା ପଣ୍ଡାଙ୍କ ଦ୍ୱାରା ନୃତ୍ୟ ଅଭିନିତ ହୋଇଥିଲା। କାର୍ଯ୍ୟକ୍ରମରେ ସହ ସମ୍ପାଦକ ବୃନ୍ଦାବନ ମିଶ୍ର, ସାଂସ୍କୃତିକ ସମ୍ପାଦକ ଗୁଣମଣୀ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସାବାସ ଚନ୍ଦ୍ର ମହାପାତ୍ର, ମଧୁସୂଦନ ମହାନ୍ତି, କୃଷ୍ଣ ଚନ୍ଦ୍ର ମିଶ୍ର, ରବିନାରାୟଣ କର, ଅଭିମନ୍ୟୁ ମିଶ୍ର, ଅନିଲ୍ ମହାନ୍ତି, ସୁରଜ ପଣ୍ଡା, ଶଙ୍କର ସାହୁ, ଜନାର୍ଦ୍ଦନ ମିଶ୍ର, ଅକ୍ଷୟ ମିଶ୍ର, ରଂଜନ କୁମାର ପାଣିଗ୍ରାହୀ, ମୋହନ ସାହୁ, ପ୍ରଶାନ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ନିଯୁକ୍ତି ଉପରେ ହାଇକୋର୍ଟଙ୍କ ସ୍ଥଗିତାଦେଶ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗର ଅଧକ୍ଷ ନିଯୁକ୍ତି ଉପରେ ଓଡିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ସ୍ଥଗିତାଦେଶ ଜାରି କରାଯାଇଛି। ଚଳିତମାସ ୩୦ତାରିଖରେ କେନ୍ଦ୍ରାପଡା ମହାବିଦ୍ୟାଳୟର ଅଧକ୍ଷ ଗୋପାଳ ଚନ୍ଦ୍ର ବେହେରା ଅବସରଗ୍ରହଣ କରୁଥିବାରୁ ଆସନ୍ତା ଡିସେମ୍ବର ୧ତାରିଖରୁ ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ରିଡର ଡ଼ଃ. ଜ୍ଞାନୀନ୍ଦ୍ର ଦାଶଙ୍କୁ ମହାବିଦ୍ୟାଳୟର ଅଧକ୍ଷ ତଥା ସମ୍ପାଦକ ଭାବରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ନଂ- ୪୯୦୫୩ ତା ୯.୧୧.୨୦୨୩ରିଖରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିଚାଳନା ପରିଷଦ ସଭାପତିଙ୍କ ସୁପାରିଶ କ୍ରମେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ନିଯୁକ୍ତି ପ୍ରଦାନ କରାଯାଇଥିଲା। ଉଚ୍ଚଶିକ୍ଷା ବିଭାଗର ଏହି ନିର୍ଦ୍ଦେଶନାମାକୁ ମହାବିଦ୍ୟାଳୟ ଗଣିତ ବିଭାଗ ମୁଖ୍ୟ ଅଶୋକ କୁମାର ମିଶ୍ର ଚ୍ୟାଲେଞ୍ଜ କରି ଓଡିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲୁପିସି ନଂ- ୩୮୩୯୧/୨୦୨୩ରେ ଏକ ରିଟ ପିଟିସନ ଦାୟର କରିଥିଲେ।

# ବ୍ରହ୍ମପୁରବାସୀଙ୍କ ଟିକସରେ ନିର୍ମିତ ଟାଉନ୍ ହଲ୍ ଦେୟ ହ୍ରାସ ଦାବିରେ ବିକ୍ଷୋଭ

ବ୍ରହ୍ମପୁର, (ପି.ଏନ) : ବିଏମ୍‌ସି ପରିଚାଳିତ ଟାଉନ୍ ହଲ ଭଡ଼ା ହ୍ରାସ୍ ଦାବିରେ ପ୍ରଗତିଶୀଳ ଉତ୍କଳ ସମାଜ ଶୁକ୍ରବାର ପ୍ରତିବାଦ କରି ଏବଂ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରିଛି। ସେମାନଙ୍କ ଅଭିଯୋଗ ସାଧାରଣ ଜନତାଙ୍କ ନିମନ୍ତେ ସଭା, ସମିତି, ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏହା ଉଦ୍ଦିଷ୍ଟ। ମାତ୍ର ଏହାର ଭଡ଼ା ୧୫୦୦୦ ଟଙ୍କା ରହିଥିବାରୁ ଏଠାରେ କାର୍ଯ୍ୟକ୍ରମ କରିବା ବ୍ୟୟସାପେକ୍ଷ ହେଉଛି। ଭୁବନେଶ୍ୱର ଠାରେ ବିଭିନ୍ନ ସଭାମଣ୍ଡପର ଭଡ଼ା ୫୦୦୦ ରହିଥିବା ବେଳେ ବ୍ରହ୍ମପୁରରେ ଟାଉନ୍ ହଲ୍ ଭଡ଼ା ୧୫୦୦୦କୁ ଟଙ୍କା ନିଆ।ଯାଉଛି। ବ୍ରହ୍ମପୁର ସହରର ପାଞ୍ଚଲକ୍ଷ ଲୋକଙ୍କୁ ଏହା ପ୍ରତାରଣା ବୋଲି ଅଭିଯୋଗ କରାଯାଇଛି । ତେଣୁ ସାମାଜିକ, ସାହିତ୍ୟିକ, ସଂସ୍କୃତିକ ଓ ବିଭିନ୍ନ ଅନୁଷ୍ଠାନ ଓ ନିମନ୍ତେ ଭଡ଼ା ପାଞ୍ଚହଜାର ଟଙ୍କାକୁ ହ୍ରାସ କରାଯାଉ ବୋଲି ଉତ୍କଳ ସମାଜର ରାଜ୍ୟ ସଂପାଦକ ସରୋଜ ପଟ୍ଟନାୟକ, ଶ୍ରମିକ ନେତା ତଥା ବରିଷ୍ଠ ସାମ୍ବାଦିକ ରବି ରଥ, ଅଧିବକ୍ତା ଗୌରୀ ଶଙ୍କର ପଟ୍ଟନାୟକ, ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଗୀତା ବାଚସ୍ପତି, ପଦ୍ମଚରଣ ଦାସ, ପରିବେଶବିତ୍ ? ସରିତା ପଣ୍ଡା, ଗଞ୍ଜାମ ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର ପଣ୍ଡା, ବରଗଛ ସୁରକ୍ଷା କର୍ମୀ ଲୋକନାଥ ପରିଡ଼ା, ଚିତ୍ତରଞ୍ଜନ ପଣ୍ଡା, ସାମ୍ବାଦିକ ସୁବ୍ରତ ରଥ, ବାସୁଦେବ ସାହୁକାର, ପ୍ରମୋଦ ମିଶ୍ର, ସମାଜସେବୀ ଜଗଦାନନ୍ଦ ଦାଶ, ଡି. କେଶବ ରାଓ, ଅଜିତ ପଣ୍ଡା, ଉମା ନାୟକ, ବନମାଳି ପାତ୍ର, ଲକ୍ଷ୍ମୀ ଚରଣ ବେହେରା, ଡ଼ା. ରାମହରି ଖଣ୍ଡୁଆ।ଳ, ଧନଞ୍ଜୟ ବିଷୋୟୀ, ଆ।ଡ଼ଭୋକେଟ ଶିବ ପ୍ରସାଦ ମିଶ୍ର, ସୁରେନ୍ଦ୍ର ନାଥ ରାଉତ, ଶିବ ପ୍ରସାଦ ମିଶ୍ର, ସ୍ନେହାଂଶୁ ପାଢ଼ୀ, ଶିକ୍ଷକ ନେତା ଅଶୋକ କୁମାର ଦଳେଇ ସମେତ ବହୁ ସଦସ୍ୟ କମିଶନରଙ୍କୁ ଭେଟି ଦାବି ଜଣାଇଥିଲେ । ଏ ସମ୍ପର୍କରେ ଶ୍ରମିକ ନେତା ତଥା ସାମ୍ବାଦିକ ଶ୍ରୀ ରଥ ତାଙ୍କ ଭାଷଣରେ ବ୍ରହ୍ମପୁର ମହାନଗର ନିଗମ ସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ କରିବା ଦିଗରେ ବିଫଳ ହୋଇଛି। ଖଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଏହି ଟାଉନ ହଲ ନିର୍ମାଣ କହିଥିଲେ । ଟାଉନ ହଲ ସୌନ୍ଦର୍ଯ୍ୟକରଣ କରାଯିବା ପୂର୍ବରୁ ଏହି ହଲର ଭଡ଼ା ମାତ୍ର ୩୦୦ ଟଙ୍କା ଥିଲା । ଏ କଥା ବୋଧେ ମେୟର କିମ୍ବା କମିଶନରଙ୍କ ଜ୍ଞାତସାରରେ ନଥିବ । କିନ୍ତୁ ହଠାତ୍ ୧୫୦୦୦ ଟଙ୍କା ଭଡ଼ା କରାଯିବା ଘଟଣା ବ୍ରହ୍ମପୁରବାସୀଙ୍କ ଉପରେ ଜିଜିଆ। କର ବୋଲି କହିଥିଲେ ।

# ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ୍ ନୁହଁନ୍ତି



ଭୁବନେଶ୍ୱର (ପିଏନ୍): ଦିବ୍ୟାଙ୍ଗଙ୍କ ମଧ୍ୟରେ ସକାରାତ୍ମକ ମନୋଭାବ ସୃଷ୍ଟି ସହିତ ସେମାନଙ୍କ ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ସଚେତନତା ଲାଗି ପ୍ରତିବର୍ଷ ଡିସେମ୍ବର ୩ ତାରିଖରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଥାଏ। ସାଧାରଣ ପିଲାଙ୍କଠାରୁ ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ୍ ନୁହଁନ୍ତି। ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ପ୍ରତ୍ୟେକ ବ୍ୟକ୍ତି ସାହାଯ୍ୟର ହାତ ବଢାଇବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ରାଜଧାନୀ ଭୁବନେଶ୍ୱର ଉପକଣ୍ଠ ତ୍ରିଶୁଳିଆ ଛକ ନିକଟସ୍ଥ ରାମେଶ୍ୱର ମନ୍ଦିର ପରିସର ମଧ୍ୟରେ ଆୟୋଜିତ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଜ୍ୟୋତିର୍ବିଦ୍ ତଥା ସାମାଜିକ କର୍ମୀ ଶ୍ରୀପତି ଆଚାର୍ଯ୍ୟଙ୍କ ସହଯୋଗକ୍ରମେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଦୃଷ୍ଟିବାଧିତ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ରୂପେ ଚନ୍ଦ୍ରଶେଖର ପାଲ, ମନୋଜ କୁମାର ସ୍ୱାଇଁ, ପ୍ରବୀଣ ପ୍ରଧାନ, ଚାରୁଲତା ସାହୁ, ଦୀପକ କୁମାର ସ୍ୱାଇଁ, ମଞ୍ଜୁଲତା ଭୂୟାଁ, ସାମାଜିକ କର୍ମୀ ସୁଶାନ୍ତ ସାହୁ, ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା, ଲକ୍ଷ୍ମୀପ୍ରିୟା ବେହେରା, ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳର ଭାଷା, ସାହିତ୍ୟ ଓ ସଂଗୀତର ଧ୍ରୁବତାରା ଥିଲେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



ଭୁବନେଶ୍ୱର (ପିଏନ୍): ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ 'ଆମେ ଭୁବନେଶ୍ୱର'ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୫ତମ ଜୟନ୍ତୀ ସ୍ଥାନୀୟ ପ୍ରତିମୂର୍ତ୍ତିସ୍ଥଳ ମହାଡାକପାଳଙ୍କ କାର୍ଯ୍ୟାଳୟଠାରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ, ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସଂଯୋଜନା କରି ମତ ବ୍ୟକ୍ତ କରିଥିଲେ ଯେ, କାନ୍ତକବି ଥିଲେ ଏକାଧାରରେ ମହାନ କବି, ସ୍ୱାଧୀନତା ସଂଗ୍ରାମୀ, ସାହିତ୍ୟିକ ତଥା ଓଡ଼ିଆ ଭାଷାର ମହାନ କାଣ୍ଡାରୀ, ରାଜ୍ୟ ସଂଗୀତ "ବନ୍ଦେ ଉତ୍କଳ ଜନନୀ' ରଚନା କରି ଘରେଘରେ ସୁପରିଚିତ ହେବା ସହିତ ତାଙ୍କ କୃତି ଓ କୀର୍ତ୍ତିର ଅଦ୍ଭୁତ ପରିଚୟ ପ୍ରଦାନ କରିଛନ୍ତି। ବୁଢ଼ା ଶଙ୍ଖାରି, କଣାମାମୁଁ ପ୍ରମୁଖ ତାଙ୍କର କାଳଜୟୀ କୃତି ସମାହାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ଭାବେ ଅନୁସଚିବ ଲକ୍ଷ୍ମୀଧର ବେହେରା, ଶିକ୍ଷାବିତ୍ ସୀତାବଲ୍ଲଭ ମହାପାତ୍ର, ରମେଶ ଚନ୍ଦ୍ର ପାତାଳ ସିଂ, ଦିଲ୍ଲୀପ ଦାସଶର୍ମା, ନିରଞ୍ଜନ ପଣ୍ଡା ଯୋଗଦେଇ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପ୍ରତିଭାଧାରୀ ବ୍ୟକ୍ତିତ୍ୱ, ଅଭିନେତା, ନିର୍ଦ୍ଦେଶକ ଶଙ୍କର ବସୁମଲ୍ଲିକ, ଭକ୍ତ ଚରଣ ପଟ୍ଟନାୟକ ପ୍ରମୁଖଙ୍କୁ 'ଆମେ ଭୁବନେଶ୍ୱର' ପକ୍ଷରୁ କାନ୍ତ କବି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରମୁଖ ଅଭିଯାନର ସଂଯୋଜକ ବାପୁ ଓଝା, ଗିରିଜା ମହାପାତ୍ର, ବିଜୟ ପରିଡ଼ା, ସଞ୍ଜୟ ପରିଡ଼ା, କାମଦେବ ମହାପାତ୍ର ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ ନରେନ ସାହୁ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ନଭେମ୍ବର ୨୮

# ସଂସ୍କୃତିରେ ଅପସଂସ୍କୃତିର ଅନୁପ୍ରବେଶ



ହିମାଂଶୁ ଶେଖର ଆଚାର୍ଯ୍ୟ

'ରାତି ପାହିଲାଣି ରାବଇ କାଉ, ଉଠ ଉଠ ମଠ ନକର ଆଉ' - ପିଲାଙ୍କ ପଢାବହିରେ ଥିବା ଏହି ଉକ୍ତିଟି ଆଜି ଶିଶୁମାନସରୁ ଲିଭିଯିବାକୁ ବସିଲାଣି । କାଉ ଆମ ସଂସ୍କୃତି ଓ ଚଳଣୀର ଅଂଶ ହୋଇ ଆସିଛି କାହିଁ କେଉଁ କାଳରୁ । କୌଣସି ଶୁଭାଶୁଭ ମନାସିଲେ ପ୍ରଥମେ କାଉକୁ ଆଧାର ଦିଆଯିବାର ପରମ୍ପରା ରହିଛି । କେବଳ ସେତିକି ନୁହେଁ, ଆକାଶରେ ଜହ୍ନକୁ ଦେଖି ଶିଶୁ ପ୍ରାଣ ଆଉ ପୁଲକିତ ହେଉନାହିଁ । 'ଆ ଜହ୍ନମାମୁଁ ସରଗ ଶଶୀ - ମୋ କାହ୍ନୁ କୋଳରେ ପଡରେ ଖସି'ର ପ୍ରାଣମୟ ଆବେଦନ ହଜିଗଲାଣି ଟି.ଭି.ର କାର୍ଟୁନ୍ ଶୋ'ରେ । ବାଃ ବାଃ ବ୍ଲାକ୍‌ସିପ୍, ଟୁଇଁକିଲ୍ ଟୁଇଁକିଲ୍ ଲିଟିଲ ଷ୍ଟାର ଭିତରେ ଲୁଚି ଯାଉଛି ତା'ର କଳ୍ପନା । ସତୁରୀ ପ୍ରତିଶତ, ଅଶୀ ପ୍ରତିଶତ,ନବେ ପ୍ରତିଶତ ଅଙ୍କକଷା ଭିତରେ ସଙ୍କୁଚିତ ହୋଇଯାଇଛି ତା'ର ପ୍ରାଣର ବିସ୍ତାର । 'ଶଙ୍ଖଚିଲ ଭାଇ ନମସ୍କାର', 'ଜହ୍ନିଫୁଲ ଠୋ ଠା - କାକୁଡି ଫୁଲ ଠୋ ଠା' କହି ତାଳିମାରି ନାଚିପାରୁନି ସେ । ଯୁବକଟି ଆଖିରୁ ହଜି ଗଲାଣି ସ୍ୱପ୍ନ । ଅର୍ଥରୂପୀ ସୁନାର ହରିଣୀ ପଛରେ ଧାଇଁ ଧାଇଁ ଦିଗହରା ହୋଇଛି ତା'ର ଇପ୍‌ସିତ ଲକ୍ଷ୍ୟ । ବିଦ୍ୟା ତା' ପାଇଁ କେବଳ ଅର୍ଥକରୀ - ସେ ବିଦ୍ୟାରେ ନାହିଁ ପରକୁ ଆପଣାର କରି ଗଢିତୋଳିବା - ଅନ୍ୟ ପାଇଁ ଲୁହ ଢାଳିବା - ସେଥିରେ ଅଛି ଆଭିଜାତ୍ୟର ମୋହ, ଲୋଭନୀୟ ପଦବୀର ଆସକ୍ତି, ମୋଟା ଅଙ୍କ ଦରମାର ଝୁଙ୍କ, ଆଧୁନିକ ଷ୍ଟାଟସ୍‌ର ଅହମିକା; ଆଉ ତାରି ଭିତରେ ମୂଳଚାଲ ହେଉଛି ତା'ର ଜୀବନ, ଯୌବନ ଆଉ ସ୍ୱପ୍ନ । ଏକଦା ଆମ ସଂସ୍କୃତିର ଧାରା ଥିଲା 'ବସୁଧୈବ କୁଟୁମ୍ବକମ୍' - 'ସର୍ବେ ଭବନ୍ତୁ ସୁଖୀନଃ' - 'ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ' । ଏସବୁ ଆଜି ଆଈ ମା' କାହାଣୀ ପରି ଲାଗୁଛି । ଆଧୁନିକତାର ଚାକଚକ୍ୟ ମଧ୍ୟରେ ସେ ସବୁ ବିବର୍ଜିତ ହୋଇ ପଡିରହିଛି । ସଭ୍ୟତାର ପ୍ରସାର ସହିତ ମଣିଷ କ୍ରମଶଃ ଦୂରେଇ ଯାଉଛି ନିଜ ସଂସ୍କୃତି ଠାରୁ । ଉପଭୋକ୍ତାବାଦ ମଣିଷକୁ ଆଉ ମଣିଷ ଅବସ୍ଥାରେ ରହିବାକୁ ଦେଉନାହିଁ । ଧନ ବଳରେ ନଷ୍ଟ ହୋଇଯାଉଛି ମୂଲ୍ୟବୋଧ । ଏହି ମୂଲ୍ୟବୋଧର ଅବକ୍ଷୟ ଅପସଂସ୍କୃତିକୁ ଡାକି ଆଣୁଛି ହାତଠାରି । ଫଳ ସ୍ୱରୂପ ଆମ ସାଂସ୍କୃତିକ ଜୀବନ ହୋଇଉଠିଛି ବିକଳାଙ୍ଗ । ଆଜି ଭାଗବତ ଘର ଢିଅରେ ମୁଣ୍ଡ ଟେକିଛି ଯୁବକ ସଂଘ, ମହିଳା ସମିତି । ଚାଟଶାଳୀ ଜାଗାରେ ଠିଆ ହୋଇଛି ଅଙ୍ଗନବାଡି, ବାପା ଏବେ ଡାଡି, ବୋଉ ମମି, ଆଉ ମାଉସୀ, ଖୁଡି, ମାଇଁ ଏମାନେ ସମସ୍ତେ ଆଣ୍ଟିରେ ଗଣା । ସେମିତି ଦାଦା, ମଉସା, ମାମୁଁ ଏମାନେ ସମସ୍ତେ ଅଙ୍କଲ । ନମସ୍କାର ଆଉ ପ୍ରଣାମ ବଦଳରେ ଟା,ଟା ବାଏବାଏ । ଏତ ଗଲା ଆମ ନିତିଦିନିଆ କଥା । ବାହାଘର, ବ୍ରତଘର ଓ ପୂଜା ପାର୍ବଣ କଥା ନ କହିଲେ ଭଲ । ବାହାଘରମାନଙ୍କରେ ବରଯାତ୍ରୀ ମେଳରେ ଚାଲିଛି ଉଦଣ୍ଡ ନୃତ୍ୟ । ମାଣବସା ଗୁରୁବାରରେ ଲକ୍ଷ୍ମୀ ପୁରାଣ କ୍ୟାସେଟ୍‌ରେ କାମ ଚଳିଯାଉଛି । ଏପରିକି ଅଷ୍ଟପ୍ରହରୀମାନଙ୍କରେ ବିଭିନ୍ନ ସିନେମା ଗୀତର ଧୂନ୍‌କୁ ଅନୁକରଣ କରାଯାଇ ନାମ ସଂକୀର୍ତ୍ତନ ଚାଲିଛି ।ଏବେ ଆମ ସଂସ୍କୃତିକୁ ଗତ କିଛି ବର୍ଷ ହେଲା ଧସେଇ ପସିଛି କାଉଡିଆ ସଂସ୍କୃତି । କାହିଁ କେଉଁ କାଳରୁ ଶିବ ଉପାସନା ଆମ ସଂସ୍କୃତିରେ ପ୍ରଚଳିତ ଥିଲେହେଁ ଏବେ ତାହାକୁ ଆଧାର କରି କାଉଡିଆ ମାନଙ୍କର ଭିଡ କାହିଁରେ କ'ଣ । ଯେଉଁଠି ଦେଖିବ ରାସ୍ତାରେ କାଉଡି ଧରି ଆବାଳ ବୃଦ୍ଧବନିତା ଚାଲିଛନ୍ତି ଶୈବ ପିଠକୁ । ଏଠାରେ ଭକ୍ତି ଅପେକ୍ଷା ମସ୍ତି ବେଶି । ନିକଟରେ ଏକ ବହୁ ଚର୍ଚ୍ଚିତ ଘଟଣା ଆମ ସଂସ୍କୃତିକୁ ଆହୁରି ବିକୃତ କରିଛି । ଦେହର ଭୋକ ମେଣ୍ଟାଇବା ପାଇଁ ଏବର ବହୁ ମଣିଷ ନିଜର ବିବେକ ପଣିଆକୁ ପାଶୋରି ଅବାଟରେ ବାଟ ଦେବା ଆମ ନଗ୍ନ ମାନସିକତାର ଖୋଲା ପରିପ୍ରକାଶ କହିଲେ ଭୁଲ ହେବ ନାହିଁ ।ଉତ୍ତର ପିଢିର ପିଲାଙ୍କ ପାଇଁ ଆମେ କଣ ଏହି ଆର୍ଦଶ ଛାଡି ଦେଇଯିବା ? ଏଦିଗରେ ଗଭୀର ଭାବେ ଚିନ୍ତା କରିବାର ଅଛି । ଭଗବାନ କରନ୍ତୁ ଅନିତୀ ବଦଳରେ ନିତୀ ,ଅନୈତିକତା ବଦଳରେ ନୈତିକତା ସହ ମୂଲ୍ୟବୋଧ ଆମ ଜୀବନର ମାନଦଣ୍ଡ ହେବା ବିଧେୟ । ନାଚ, ଗୀତ କଥା ଆହୁରି ତଦ୍ରୂପ । ଆମ ଓଡ଼ିଶୀ ନାଚ ଆମକୁ ଭଲ ଲାଗୁନି । ରେକର୍ଡ ଡ୍ୟାନ୍ସର ଯୁଗ ଏବେ । ବିଭିନ୍ନ ମଞ୍ଚ, ସାଂସ୍କୃତିକ ଅନୁଷ୍ଠାନ ଠାରୁ ଆରମ୍ଭ କରି ଗଣନାଟ୍ୟ ପର୍ଯ୍ୟନ୍ତ ସବୁଠି ଏହାର ଛାପ । ଏପରିକି ଟିଭି ଚ୍ୟାନେଲରେ ଜାତୀୟ ସ୍ତରଠାରୁ ଆରମ୍ଭ କରି ଆମ ଓଡିଆ ଟି.ଭି.ଚ୍ୟାନେଲ ପର୍ଯ୍ୟନ୍ତ ସବୁଠି କାୟା ବିସ୍ତାର କରିଚାଲିଛି ଏହି ଡ୍ୟାନ୍ସ ଧମାକା । ଏ ସବୁ ଦେଖିବାକୁ ଉତ୍କଣ୍ଠିତ ଆମ ଯୁବ ସମାଜ । ଅଭିଭାବକମାନେ ବି ଏହି ମାନିଆରୁ ମୁକ୍ତ ନୁହଁନ୍ତି । ଗୀତ ତ ଏଠି ପଣ୍ୟ ଦ୍ରବ୍ୟ । ବେପାରୀ ଚିନ୍ତାଚେତନା ନେଇ ଏଠି ପ୍ରସ୍ତୁତ ହେଉଛି ଭଜନ, ଜଣାଣ ଓ ଆଧୁନିକ ଗୀତର କ୍ୟାସେଟ୍ । ଦ୍ୱିଅର୍ଥବୋଧକ ଶବ୍ଦ ସଂଯୋଜନା ଓ ଚାଲୁ ସ୍ୱର ଏଠି ହୋଇଛି ଭଲ ସଙ୍ଗୀତର ମାପକାଠି । ଖାଲି ସେତିକି ନୁହେଁ, ଟି.ଭି. ଚ୍ୟାନେଲ୍‌ରେ ରିୟଲିଟି ଶୋ'ର ଚାହିଦା ମଧ୍ୟ କାହିଁରେ କ'ଣ । ଏହି ରୁଚି ଭିତରେ ଆମର ମହାନ୍ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଅଣନିଶ୍ୱାସୀ ହୋଇପଡୁଛି । ଅର୍ଥ ଲୋଭରେ ଓ ରାତାରାତି ଚର୍ଚ୍ଚାର ପରିସରକୁ ଆସିବା ପାଇଁ ପ୍ରତିଯୋଗୀମାନେ ଏଥିରେ ଅଂଶ ଗ୍ରହଣ କରିବାକୁ ବ୍ୟଗ୍ର ହୋଇଉଠୁଛନ୍ତି । ଏଠି ମନେପଡେ ଏକ ଉକ୍ତି - "ଚନ୍ଦ୍ର ପଛ ଭାଗ ଭଳି ପ୍ରତି ମଣିଷର ଏକ ଅନ୍ଧାରିଆ ଦିଗ ଅଛି, ଯାହା ସେ ନିଜେ ଦେଖିବାକୁ ଚାହେଁନି" । ତାହା ହିଁ ସତ ।ଏବେ ପୁଣି ଭିନ୍ନ ଏକ ଅନୁକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ତାହା ହେଉଛି ରୁମାଲ ବନ୍ଧା ସଂସ୍କୃତି । ଦୁଇ ଚକିଆ ଯାନରେ ଗଲାବେଳେ ଝିଅମାନେ ମୁହଁରେ ଆଖି ତଳକୁ ରୁମାଲ ବାନ୍ଧି ଯିବାର ଦେଖିବାକୁ ମିଳୁଛି । କେବଳ ସହର ମାନଙ୍କରେ ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଏ ସବୁ ଦୃଶ୍ୟ ଦେଖିବାକୁ ମିଳୁଛି । ଧୂଳି ସଂକ୍ରମଣ ପାଇଁ ହେଉ ବା ଅନ୍ୟମାନଙ୍କ କୁନଜରରୁ ରକ୍ଷା ପାଇବା ପାଇଁ ହେଉ ବା ନିଜର ଆତ୍ମୀୟ ସ୍ୱଜନ ମାନଙ୍କର ଦୃଷ୍ଟିକୁ ଏଡାଇବା ପାଇଁ ହେଉ ଏଭଳି ଘଟଣା ବଢି ବଢି ଚାଲିଛି । ସତେ ଯେମିତି ଏହା ଏକ ଫେସନରେ ପରିଣତ ହୋଇଗଲାଣି । ଅବସ୍ଥା ଏପରି ହୋଇଛି ଯେ, ବାପା ଆଗରେ ଝିଅ ଚାଲିଗଲେ ମଧ୍ୟ ବାପା ଝିଅକୁ ଜାଣି ପାରୁନାହିଁ । ଆଧୁନିକତାର ଦ୍ୱାହି ଦେଇ ଆମେ ଆଗକୁ ଚାଲୁଥିବା ବେଳେ ସଂଖ୍ୟାଲଘୁ ସଂପ୍ରଦାୟର ପରଦା ପ୍ରଥା ଭଳି ସାଂପ୍ରତିକ ସମୟରେ ଏପରି ଆଭିମୁଖ୍ୟ କେତେଦୂର ଗ୍ରହଣୀୟ ସେକଥା ଚିନ୍ତା କରିବାର ଅଛି । ଅବଶ୍ୟ ମହାମାରୀ କରୋନା ସମୟରେ ଆମେ ସମସ୍ତେ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ପ୍ରାୟ ଦୁଇ ବର୍ଷ ଧରି ମୁହଁରେ ମାସ୍କ ବା ତୁଣ୍ଡି ପରିଧାନ କରିଥିଲେ । ଏହା ଥିଲା ସମୟର ଆବଶ୍ୟକତା । ଏବେବି କେହି କେହି ମୁହଁରେ ମଧ୍ୟ ମାସ୍କ ଲଗାଉଛନ୍ତି । କେହି କେହି ଏହାକୁ ତୁଣ୍ଡି ବନ୍ଧା ସଂସ୍କୃତି ବୋଲି କହିଲେ । ମାଳିକା ବଚନର ଉଦାହରଣ ବି ଦେଲେ ।

ପୂଜ୍ୟପୂଜା ଆଉନାହିଁ । ଅପୂଜ୍ୟକୁ ପୂଜା କରିବା 'ବିଧି'ରେ ପରିଣତ ହୋଇଛି । ଅନେକ ପୂଜ୍ୟ ବରପୁତ୍ର ଆଜି ଅବହେଳିତ । କେଉଁଠି ସେମାନେ ଭଗ୍ନ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛନ୍ତି ତ ଆଉକେଉଁଠି ସେମାନଙ୍କର ପ୍ରତିମୂର୍ତ୍ତି ଭଙ୍ଗାଯାଉଛି । ସେହି ବରପୁତ୍ର ମାନେ ସିନା ଆଜି ନାହାଁନ୍ତି.ହେଲେ ପ୍ରତିମୂର୍ତ୍ତି ଗୁଡିକୁ ସୁରକ୍ଷା ଦେବା ସହ ସେମାନଙ୍କ ସ୍ମୃତିକୁ ସାଉଁଟି ରଖିବାର ସମୟ ଆସିଛି । କେବଳ ଜୟନ୍ତୀ ଓ ଶ୍ରାଦ୍ଧପାଳନରେ ସୀମିତ ରହିଛନ୍ତି ଅନେକ ଯୋଗଜନ୍ମା ବରପୁତ୍ର । ବାସ୍ତବରେ ଏଥିପ୍ରତି କାହାରି ନିଘା ନାହିଁ । ସେହିପରି ଉପାଧିକୁ ନେଇ ଅନେକ ବିତର୍କ ମୁଣ୍ଡ ଟେକିବାରେ ଲାଗିଛି । ରାଜ୍ୟ ସ୍ତରରେ ସାହିତ୍ୟ ଏକାଡେମୀ ଠାରୁ ଆରମ୍ଭ କରି ଜାତୀୟ ସ୍ତରରେ ପଦ୍ମଶ୍ରୀ,ପଦ୍ମଭୂଷଣ,ଜ୍ଞାନପୀଠ ଏପରିକି ସର୍ବୋଚ୍ଚ ଉପାଧି ଭାରତ ରତ୍ନ ପର୍ଯ୍ୟନ୍ତ ସବୁଠି ଏକା କଥା । ଏପରିକି କେତେକ କ୍ଷେତ୍ରରେ ଏହାକୁ ନେଇ ଘଟଣା କୋର୍ଟ ପରିସରକୁ ଯାଉଛି । ଫଳରେ ଉପାଧିର ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି ।

ସେଦିନ ମାଣିକ ଗଉଡୁଣୀ କଳାଧଳା ଘୋଡାରେ ଯାଉଥିବା ଦୁଇଜଣ ଦିବ୍ୟ ପୁରୁଷଙ୍କୁ ଦହି ପୋଷେ ପୋଷେ ଦେଇ ସେମାନଙ୍କ ତୃଷ୍ଣା ମେଣ୍ଟାଇଥିଲା । କାରଣ ସେଥିରେ ଥିଲା ଆମ ସଂସ୍କୃତିରେ ସ୍ନେହ ଓ ଆତିଥ୍ୟର ଉଦାରଭାବ, 'ଅତିଥି ଦେବୋଭବ'ର ପରମ୍ପରା । ଏକଥା ସିନା ମାଣିକ ଗଉଡୁଣୀ ବୁଝିଥିଲା, କିନ୍ତୁ ନିଜର ପଦପଦବୀ ଓ ସ୍ୱୀକୃତିକୁ ନେଇ ଡିଣ୍ଡିମ ପିଟୁଥିବା ଏବର ବିଜ୍ଞ ମଣିଷମାନେ ଏକଥା ବୁଝୁନାହାଁନ୍ତି । ଏହାହିଁ ବିଡମ୍ବନା !

*ତିର୍ତ୍ତୋଲ, ଜଗତସିଂହପୁର*
*ମୋ-୯୩୩୭୨୨୧୯୨୪*

# ଯାତରାର ନାମ ବାଲିଯାତ୍ରା...



ବିପିନ ବିହାରୀ ରାଉତ

ଯେତେ ଦେଖିଲେ ବି ଦେଖା ସରୁନଥିବା କି' ମନ ଭରୁନଥିବା ଯାତ୍ରାର ନାଁ ବାଲିଯାତ୍ରା । ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ସହ ବାଣିଜ୍ୟ ଓ ମଉଜର ମଧୁର ସିମ୍ଫୋନିର ନାଁ ବାଲିଯାତ୍ରା । ଓଡ଼ିଶାର ସର୍ବପୁରାତନ ତଥା ସର୍ବବୃହତ୍ ମୁକ୍ତାକାଶ ବାଣିଜ୍ୟିକ ସାଂସ୍କୃତ ମେଳାର ନାଁ ବାଲିଯାତ୍ରା । ହଜାରେ ବର୍ଷର ସହର କଟକରେ ବାଲିଯାତ୍ରା ରୂପକ ଯାତ୍ରାର ବୟସ ବି ପାଞ୍ଚ ଶହ ବର୍ଷରୁ ଅଧିକ ବୋଲି ଇତିହାସ କହେ । ଗୋଟିଏ ପଟେ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା, ସାଧବପୁଅ ସଂସ୍କୃତି ଓ ଐତିହ୍ୟର ଜୟଗାନ । ଅନ୍ୟପଟେ ବିନ୍ଦାସ ମଜା, ମଜଲିସ, ବୁଲାବୁଲି, ଖିଆପିଆ, ମନୋରଞ୍ଜନର ଐକ୍ୟତାନ । ଏ ଦୁଇଟିଯାକ ସମାନ୍ତର ଟ୍ରାକ ଉପରେ ଗତି କରୁଥିବା ଯାତ୍ରା ବା ମହୋତ୍ସବର ନାଁ ହେଉଛି ବାଲିଯାତ୍ରା । କଟକିଆଙ୍କ ପାଇଁ ବାଲିଯାତ୍ରା ଅନ୍ୟ ଅନେକ ମେଳା ମଉଚ୍ଛବ ପରି ଯାହାତାହି ଯାତ୍ରା ନୁହେଁ । ବରଂ ଯାବତୀୟ ଜୀବନ ଜଞ୍ଜାଳ ଭିତରେ ସହରବାସୀଙ୍କ ପାଇଁ ଏଇଟି ଏକ ଖାସ ମୁଗ୍ଧ ଅନୁଭବ । ଝଲକାଏ ପୁଲକର ଏକ ବହୁ ପ୍ରତୀକ୍ଷିତ ଅବସର । କଟକିଆଙ୍କ ଜୀବନଧାରାର ଏକ ଅବିଚ୍ଛେଦ୍ୟ ଅଂଶବିଶେଷ । ଦଶହରା ଯଦି କଟକର ଗଣ-ପର୍ବ ହୁଏ, ତେବେ ବାଲିଯାତ୍ରା ହେଉଛି ଗଣ ମହୋତ୍ସବ । ଯେଉଁଥିପାଇଁ ଧୂଳି, ବାଲିରେ ନାକ ରୁନ୍ଧି ହୋଇଯାଉଥିଲେ ବି ଭିଡ଼ରେ ନିଃଶ୍ୱାସ ଅଟକି ଯାଉଥିଲେ ବି ଲୋକେ ବାଲିଯାତ୍ରା ପଡ଼ିଆରେ ଅଧରାତି ଯାଏ ବୁଲୁଥାନ୍ତି । ଶୀତ କାକର ଭିତରେ ବି ଆଇସକ୍ରିମ୍ ଚୁସ କରୁଥାନ୍ତି । ବାଲିଯାତ୍ରାର ସବୁଠୁ ବଡ଼ ବୈଶିଷ୍ଟ୍ୟ ହେଲା ଏହାର ବିଶାଳ ଆକାର ଓ ବିପୁଳ ସମ୍ଭାର । ଉପର ଓ ତଳ ପଡ଼ିଆ ସମେତ ଚାରିକଡ଼କୁ ମାଡି ଏ ଯାତ୍ରା ବ୍ୟାପିଥାଏ ବେଶ କିଛି ମାଇଲ । ପୁଣି ଜିରାଠୁ ହୀରାଯାଏ, ସୁନାଠୁ ଶୁଖୁଆଏ, ଶିଳ, ଚକି, ଝାଡୁ, ବିଞ୍ଚଣାଠୁ ଅତ୍ୟାଧୁନିକ ସଉକିନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯାଏ.. ସବୁକିଛି ମିଳେ ଏଠି ଗୋଟିଏ ଠାରେ, କିଛିଟା ଶସ୍ତାରେ । କୁହାଯାଏ ସତ୍ୟ ଯୁଗ ପରି ଯୁଗ ନାହିଁ, ଗଙ୍ଗା ପରି ନଦୀ ନାହିଁ, ଭାରତ ପରି ଦେଶ ନାହିଁ, କାର୍ତ୍ତିକ ପରି ମାସ ନାହିଁ, ବାଲିଯାତ୍ରା ପରି ଯାତ୍ରା ହିଁ ନାହିଁ । ହଜାରେ ବର୍ଷର ସମୃଦ୍ଧିରେ ପରିପୂର୍ଣ୍ଣ କଟକ ନଗରୀର ମହାନଦୀ କୂଳରେ ବେଶ ଯାକଜମକରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା ନିଜ ସାଜସଜ୍ଜା, ଗହଳ, ରଙ୍ଗଢ଼ଙ୍ଗ ଆଉ ଆକାର ପ୍ରକାର ସବୁ ଯାତ୍ରାଠାରୁ ଭିନ୍ନ । ମନୋରଞ୍ଜନ ଓ ମହୋତ୍ସବର ମହଲ ହେଉଛି କଟକ ବାଲିଯାତ୍ରା । ଏହାର ଆକର୍ଷଣକୁ ମୂର୍ଚ୍ଛି ପାରେନା ମଣିଷ । ଯାତ୍ରା ପ୍ରତି ମୋହଲାଗେ । କିଛି କିଣେ, କିଛି ବିକେ । ଆସେ ଦୂର ଦୂରାନ୍ତରୁ । ଯାଏ କିଛି ସ୍ମୃତି ନେଇ । ସେ ସ୍ମୃତି ଲାଭର ହେଉ ବା କ୍ଷତିର, ସେ ସ୍ମୃତି ସଂଯୋଗର ହେଉ ବା ବିଯୋଗର, ତଥାପି କିଛି ନୂଆ ସମ୍ପର୍କର ବାଲିରେଣୁ ଦେହରେ ବୋଳି ହେବାକୁ ମନ ଅଟକିଯାଏ କଟକର ଏଇ ନଈପଠାରେ । ଦିନରେ ବାଲିଯାତ୍ରାରେ ପହଡ଼, ରାତିକି ଭିଡ଼ । ଏହା ନ ଦେଖିଲେ ମନ ବୁଝେନା । ଥରେ ବୁଲିଆସିଲେ ଆଉ ଯିବାକୁ ବି ଇଚ୍ଛା ହୁଏ ନାହିଁ । ନୂଆ ଲୋକଟି ଗଳିର ସହର କଟକରେ ବାଟବଣା ହୁଏ ଅଥଚ ବାଲିଯାତ୍ରା ଠିକଣା ହଜାଏ ନାହିଁ । ଆଖି କିଆରିରେ ପଶିବା ଭଳି ଲାଗେ । ବହୁତ କିଣିବାକୁ ଇଚ୍ଛା କରି କିଛି କିଣିପାରେନା । ଇଏ ପରା ବାଲିଯାତ୍ରା । ବାଲିଯାତ୍ରାର ଘୋ ଘା ରେ ସହର ମୁଖରିତ ହୁଏ । ମା ଦୁର୍ଗାଙ୍କର ମେଲାଣି ପରେ ଇଏ ଥାଏ କଟକର ବର୍ଷ ତମାମର ଶେଷ ଗହଳି ।

ଖ୍ରୀଷ୍ଟିୟ ପଞ୍ଚମ ଶତାବ୍ଦୀରେ ଚୀନ ଓ ଉତ୍କଳ ରାଜାଙ୍କ ମଧ୍ୟରେ ଉପଢ଼ୌକନ ବିନିମୟ ହେଉଥିବା ଲଳିତ ବିସ୍ତର ଓ ସିୟୁକି ପ୍ରଭୃତି ବୌଦ୍ଧ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଛି । ରୋମସାମ୍ରାଜ୍ୟ ସହିତ ମଧ୍ୟ କଳିଙ୍ଗର ନୌବାଣିଜ୍ୟ ସମ୍ପର୍କ ପ୍ରତିଷ୍ଠିତ ହୋଇଥିଲା । କଳିଙ୍ଗର ସୂକ୍ଷ୍ମ ବସ୍ତ୍ର ବ୍ୟତୀତ ସମ୍ବଲପୁର ହୀରା ମଧ୍ୟ ସେଠାରେ ବିଶେଷ ଆଦର ଲାଭ କରିଥିଲା । ସମ୍ରାଟ ଖାରବେଳଙ୍କ ରାଜତ୍ୱ କାଳରେ ପାରସ୍ୟ ଉପକୂଳରେ କଳିଙ୍ଗର ବାଣିଜ୍ୟ କାରବାର ଚାଲୁଥିବା କଥା ଜୟସ୍ୱାଲ ପ୍ରମାଣ କରିଛନ୍ତି । କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରୁ କଳିଙ୍ଗର ସାଧବ ପୁଅ ପାଲଟଣା ବୋଇତ ମାନଙ୍କରେ ସ୍ୱଦେଶୀ ରେଶମୀ ପାଟ, ସୂକ୍ଷ୍ମ ବସ୍ତ୍ର, ବିଭିନ୍ନ ସୁଗନ୍ଧ ଦ୍ରବ୍ୟ, କାରିଗର ଶିଳ୍ପ ସାମଗ୍ରୀ ଓ ସମ୍ବଲପୁର ଅଞ୍ଚଳର ବିଖ୍ୟାତ ହୀରା ନେଇ ଜାଭା, ସୁମାତ୍ରା, ବୋର୍ଣ୍ଣିଓ ଓ ବାଲିଦ୍ୱୀପ ପ୍ରଭୃତିକୁ ଯାତ୍ରା କରୁଥିଲେ । ଏହି ସେହି ଦ୍ୱୀପମାନଙ୍କର ଏହି ସାମଗ୍ରୀ ବିକ୍ରି କରି ସ୍ୱଦେଶ ଅଭିମୁଖେ ଅଜସ୍ର ଧନସଂପଦ ଧରି ବାହୁଡ଼ିଆସୁଥିଲେ । ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଜଣାଯାଏ ଯେ, ବର୍ଷର ଏହି ସମୟରେ ସାଧାରଣତଃ ଉତ୍ତର ଦିଗରୁ ପବନ ବହେ । ଯାହାଫଳରେ ପାଲଟଣା ବୋଇତଗୁଡ଼ିକ ଅନାୟାସରେ ଦରିଆ ପାର ହୋଇ ଉପରୋକ୍ତ ଦ୍ୱୀପମାନଙ୍କୁ ଯାତ୍ରା କରିପାରେ । ସେହିପରି ବେପାର ଶେଷ ବେଳକୁ ଆଷାଢ଼ ମାସର ଆରମ୍ଭରେ ପଶ୍ଚିମରୁ ପ୍ରବାହିତ ବାୟୁ ସଂଘାତ ଫଳରେ ଜାହାଜ ଗୁଡ଼ିକ ସୁରୁଖୁରୁରେ ବାହୁଡ଼ି ଆସେ । ତେଣୁ ବୋଇତ ଭସାଣବେଳେ ଉଚ୍ଚାରିତ 'ଆ, କା, ମା, ବୈ'ରୁ ଏହି ସମୟ ବାଣିଜ୍ୟ ପାଇଁ ଅନୁକୂଳ ପ୍ରତିପାଦିତ ହୋଇଥାଏ । ପ୍ରାଚୀନ କାଳରେ କଳିଙ୍ଗ ବାଣିଜ୍ୟ, ବ୍ୟବସାୟ, ସ୍ଥାପତ୍ୟ, ଶିଳ୍ପକଳା, ସଭ୍ୟତା ଓ ସଂସ୍କୃତି କ୍ଷେତ୍ରରେ ଚରମସୀମାରେ ଉପନୀତ ହୋଇଥିଲା । ସେହି ଗୌରବକୁ ସ୍ମରଣ କରିବା ସକାଶେ ଏବେ ପାରାଦ୍ୱୀପ ଓ ଚାନ୍ଦବାଲି ଠାରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହେଉଛି । ସେଦିନର ସତ୍ୟ ଆଜିର ସ୍ମୃତିରେ ପରିଣତ ହୋଇ କେବଳ ବାଲିଯାତ୍ରା ଓ ବୋଇତ ବନ୍ଦାଣ ମାଧ୍ୟମରେ ଆମମାନଙ୍କୁ ସାମାନ୍ୟ ଆନନ୍ଦ ମାତ୍ର ପ୍ରଦାନ କରୁଛି । ବାଲିଯାତ୍ରାର ସବୁଠାରୁ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ ଓରମାସ ଷ୍ଟଲ । ଚଳିତ ବର୍ଷ କୋଣାର୍କ ମନ୍ଦିର ଶୈଳୀରେ ଏହାର ପ୍ରବେଶ ପଥଟି ହୋଇଛି । ଚଳିତ ବର୍ଷ ଷ୍ଟଲ ସଂଖ୍ୟା ୪୨୦ରେ ପହଞ୍ଚୁଥିବାବେଳେ ଗତ ବର୍ଷ ଏହାର ସଂଖ୍ୟା ଥିଲା ୩୫୦ । ଗତ ବର୍ଷର ଗାଁ କୁଡ଼ିଆର ପ୍ରବେଶ ପଥର ତୋରଣ ସମସ୍ତଙ୍କର ଆଖି ଝଲସାଇ ଦେଇଥିଲା ଓ ଲୋକମାନେ ବାଲିଯାତ୍ରାର ଘୋ ଘା ଭିତରେ ଗାଁ କୁଡ଼ିଆର ଏକ ଜୀବନ୍ତ ଅନୁଭୂତି ପାଉଥିଲେ । ସେହିପରି ଚଳିତ ବର୍ଷର କୋଣାର୍କ ମନ୍ଦିରର ମୁଖଶାଳା ସମଗ୍ର ବିଶ୍ୱରେ ଓଡ଼ିଶାର ସ୍ଥପତି ଓ ଭାସ୍କର୍ଯ୍ୟର ମହାନ ଗାଥାକୁ ଆହୁରି ଉଚ୍ଚ ସୋପାନକୁ ନେଇଯିବ । ତିନିଲକ୍ଷ ବର୍ଗଫୁଟ ଅଞ୍ଚଳରେ ଚଳିତ ବର୍ଷ ଓରମାସର ଷ୍ଟଲ ପ୍ରସ୍ତୁତ ହୋଇଛି । ଏଠାରେ ଫୁଡ ଷ୍ଟଲ ଠାରୁ ଆମ ସ୍ୱୟଂ ସହାୟକ ସଂଗଠନର ଭଉଣୀ ମାନଙ୍କ ତନ୍ତବୁଣା ଶାଢ଼ୀ, ସେଲଫି ପଏଣ୍ଟରୁ ଗାଁ ହେଉ ବା ବିଦେଶୀ ମାଟିର ଘରୋଇ ଓ ଆକର୍ଷଣୀୟ ଭଳିକି ସାମଗ୍ରୀ ସହ ଓରମାସର ସ୍ୱତନ୍ତ୍ର ପ୍ରସ୍ତୁତ ଅନେକ ସାମଗ୍ରୀକୁ ମହିଳା ଗୋଷ୍ଠୀ ଭଉଣୀମାନେ ଉପସ୍ଥାପନ କରିବେ । ଅନେକ ପରମ୍ପରା ସ୍ମୃତି ବିଜଡ଼ିତ ସାମଗ୍ରୀ ଓ ଦୁଷ୍ପ୍ରାପ୍ୟ ହୋଇଯାଉଥିବା ଖାଦ୍ୟର ଭଳିକି ଭଳି ପସାରା ଓରମାସ ଷ୍ଟଲରେ ଉପଲବ୍ଧ ହେବ । ଚଳିତ ବର୍ଷ ସମଗ୍ର ଭାରତର ୨୨ଟି ରାଜ୍ୟ ଓ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରୁ ବିଭିନ୍ନ ଷ୍ଟଲ ସାମିଲ ହେବେ ସେମାନଙ୍କ ସହିତ ମିଶନ ଶକ୍ତି, ନାବାର୍ଡ଼, ଟେକ୍ସଟାଇଲ ଓ ବିଭିନ୍ନ ଶିଳ୍ପ କେନ୍ଦ୍ରର ଷ୍ଟଲ ବଡ଼ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିବେ । ୩୦ଟି ସୁସ୍ୱାଦୁ ଖାଦ୍ୟ ଷ୍ଟଲ ଓରମାସ ପରିସରରେ ଖାଦ୍ୟପ୍ରେମୀ ମାନଙ୍କୁ ଆକୃଷ୍ଟ କରିବ ନିଶ୍ଚୟ । କେବଳ ଓଡ଼ିଶା ଖାଦ୍ୟ ନୁହେଁ ଗୁଜୁରାଟ, ରାଜସ୍ଥାନ, ପଞ୍ଜାବ ଓ ପଶ୍ଚିମବଙ୍ଗର ଖାଦ୍ୟ ସବୁ ମଧ୍ୟ ଏହି ଷ୍ଟଲରେ ଉପଲବ୍ଧର ବ୍ୟବସ୍ଥା ରହିଛି । ଓଡ଼ିଶାରେ ଚଳିତ ବର୍ଷ ବିଶ୍ୱ ମିଲେଟ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିବାରୁ ଏବଂ ଲୋକମାନଙ୍କ ଭିତରେ ମିଲେଟ ପ୍ରତି ଦୁର୍ବଳତା ଦିନକୁ ଦିନ ବଢୁଥିବାରୁ ଚାରଟି ଷ୍ଟଲରେ କେବଳ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ମିଳିବା ସହ ଅନ୍ୟ ୨୫ ପ୍ରକାର ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ମଧ୍ୟ ମିଳିବ । ୨୦୧୯-୨୦ରେ ଓରମାସ ୧୮.୪୭ କୋଟି ଟଙ୍କାର ବେପାରବଟା କରିଥିବାବେଳେ ୨୦୨୦-୨୧, ଓ ୨୦୨୧-୨୨ ମହାମାରୀ କରୋନା ପାଇଁ ବାଲିଯାତ୍ରା ଅନୁଷ୍ଠିତ ହୋଇନଥିଲା । ଗତ ବର୍ଷ ୨୪.୫୬ କୋଟିର ବେପାର ହୋଇଥିବାବେଳେ ଚଳିତ ବର୍ଷ ୩୫ କୋଟିର କିଣା ବିକା ହେବାର ଅନୁମାନ କରାଯାଉଛି । ହଜାର ବର୍ଷର ପରିଚୟରେ ସମୃଦ୍ଧ କଟକ ସହରର ବାଲିଯାତ୍ରା ସମୟରେ ସହର ଓ ସହର ଆଖପାଖ ଅଞ୍ଚଳର ଝିଅ ଝିଆଣୀମାନେ ବାପ ଘରକୁ ଆସିଥାନ୍ତି କେବଳ ବାଲିଯାତ୍ରା ପାଇଁ । ବନ୍ଧୁଘର ସଜ ହେଉ ବା ଝିଅ ବାହାଣୀ ପାଇଁ ଘର ଯୋଗାଡ଼ ଜିନିଷ, ମାଛ ଜାଲ ହେଉ ବା ହରେକ ରକମର କାଠ ସାମଗ୍ରୀ, ଲୁଗାପଟା ଠାରୁ ସବୁକିଛି.... ସବୁକିଛି ଏଇଠି ପାଇବେ । ଓଡ଼ିଶା ସରକାର ବାଲିଯାତ୍ରାର ବିଶ୍ୱସ୍ତରୀୟ ପ୍ରଚାର ପ୍ରସାର କରିବା ସହ ଏହାର ପୃଷ୍ଠ ପୋଷକତା ମଧ୍ୟ କରୁଛନ୍ତି । ବାଲିଯାତ୍ରା ସତରେ କଟକିଆଙ୍କ ପାଇଁ ଏକ ଭାବଗତ ଓ ପ୍ରାଣଗତ ପାର୍ବଣର ଅନ୍ୟତମ ବଡ଼ ଉତ୍ସବ କହିଲେ ଅତ୍ୟୁକ୍ତି ହେବନହିଁ । ଅନେକ ଥାନ୍ତି ବାଲିଯାତ୍ରାରେ ସାଙ୍ଗସାଥିଙ୍କ ମେଳରେ କ'ଣ କିଏ ଭଲ ଜିନିଷ ଖାଇବାକୁ, ଘର ପାଇଁ କଣ କିଏ କିଣିବାକୁ ଆଉ ପ୍ରେମିଯୁଗଳଙ୍କ ପ୍ରେମ ସନ୍ତକ ମଧ୍ୟ ସବୁଦିନର ଏହି ନିର୍ଜନ ପଡ଼ିଆ ବାଲିଯାତ୍ରାର ଘୋ ଘା ଭିତରେ ପ୍ରଥମ ସ୍ମୃତିକୁ ଟାଣି ନେଇଯାଏ କିଛି କ୍ଷଣ । କେବଳ ସେତିକି ନୁହେଁ ଘରେ ବାପାମାଆଙ୍କ ପାଇଁ ତାଙ୍କ ମନ ପସନ୍ଦର ବି ଜିନିଷ କିଣାଯାଏ ଆଉ ଘରର ଆଦରର କୁନି କୁନି ପିଲାଙ୍କ ପାଇଁ ମଧ୍ୟ ବାପା ମାଆ ମାନେ ଖୋଜି ଖୋଜି କିଣିଥାନ୍ତି ସତରେ ବାଲିଯାତ୍ରା ପରି ଏପରି ବିଶାଳ ମହା ପାର୍ବଣର ଏକ ଯାତ୍ରା ଭାରତରେ କ'ଣ ସମଗ୍ର ବିଶ୍ୱରେ ବିରଳ । ସବୁଦିନ ଶୁନଶାନ ପରି ମୂକ ପାଲଟି ଯାଉଥିବା ନଈକୂଳର ଏହି ବାଲି କଣିକା ପାଖାପାଖି ବାଲିଯାତ୍ରା ପୂର୍ବ ଓ ପରକୁ ମିଶାଇ ଦେଲେ ପନ୍ଦର ଦିନରୁ ଊର୍ଦ୍ଧ୍ୱ ଘୋ ଘାରେ ଫାଟି ପଡ଼େ । ଏକ ନିଆରା ଅନୁଭବ ନେଇ ବାଲିଯାତ୍ରା ସଦର୍ପେ ନଈପଠାରେ ସୁନ୍ଦରୀ ସାଜିଛି । ଖାଲି ଖାଲି ଲାଗୁଥିବା ମହାନଦୀର ଏହି ନିର୍ଜନ ପଠା ଜୀବନ ଜୀବିକାକୁ ନେଇ ବେଶ୍ ବ୍ୟସ୍ତବହୁଳ । ରଙ୍ଗବେରଙ୍ଗ ଆଲୋକର ମେଖଳା ଭିତରେ ଦୂର ଅତୀତର ଗୌରବମୟ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ମୃତି ବିଜଡ଼ିତ ପଦଚିହ୍ନ ବେଶ୍ ଭାବଗର୍ଭକ । ସାଧବପୁଅଙ୍କୁ ସମଗ୍ର ବିଶ୍ୱରେ ନିଜ ମାଟି ମାକୁ ସମ୍ମାନର ସହ ପ୍ରତିଷ୍ଠିତ କରିବା ପାଇଁ ଯେଉଁ ମହାନ୍ ବ୍ୟକ୍ତିତ୍ୱଙ୍କର ଅବଦାନକୁ ସମସ୍ତେ ବିନମ୍ରତାର ସହ ସ୍ମୃତି ଚାରଣ କରିଥାନ୍ତି, ସେ ହେଉଛନ୍ତି ଏ ଜାତିର ମଉଡ଼ମଣି କଳିଙ୍ଗବୀର ବିଜୁବାବୁ । ସେଥିପାଇଁ ଅନେକ ବି କହନ୍ତି, ବାଲିଯାତ୍ରା ସହ ବିଜୁବାବୁଙ୍କ ସମ୍ପର୍କ ଥିଲା ବେଶ୍ ନିବିଡ଼ । ଇଣ୍ଡୋନେସିଆର ଭୂମିପୁତ୍ର ଭାବେ ନିଜକୁ ତଥା ନିଜ ଜାତିର ଗୌରବାନ୍ୱିତ କରିଥିବା ଏଇ ତୁଙ୍ଗ ବ୍ୟକ୍ତିତ୍ୱଙ୍କ ପାଖରେ ଏ ବାଲିଯାତ୍ରା ଅବସରରେ ଯାତ୍ରୀମାନେ ଭକ୍ତିପୂତ ଭାବରେ ନିଜର ମଥାନତ କରିଥାନ୍ତି ।

*ଯୁଗ୍ମ କାର୍ଯ୍ୟନିର୍ବାହୀ 'ଓରମାସ',*
*ଭୁବନେଶ୍ୱର*
*ମୋ: ୯୪୩୭୬୬୬୪୫୩*

# ରୂପାନ୍ତରିତ ଗାଁ

ଭାସ୍କର ବାରିକ୍

ଗାଁ କହିଲେ, ଆମ ଆଖି ଆଗରେ ଦେଖାଯାଏ ଧାଡ଼ି ଧାଡ଼ି ମାଟି କାନ୍ଥ ସହିତ ନଡ଼ା ଛାଉଣୀ ଘର । ପାଖକୁ ପାଖ ଲାଗିଥାଏ । ଅଣଓସାରିଆ କାଦୁଅ ପଚ୍ ପଚ୍ ରାସ୍ତା । ଗାଁ ଭିତରକୁ ଚାରି ଚକିଆ ଗାଡ଼ି ଯାଇ ପାରେନି । ଯଦି ବୈାତ୍ କେହି ଜଣେ ସହରରେ ରହୁଥିବା ବାବୁ ଲୋକ ଗାଁ କୁ ଆସନ୍ତି, ତାହେଲେ ଗାଁ ପାଖରୁ ଦୁଇ କୋଶ ଦୂରରେ ଗାଡ଼ି ରଖି ଚାଲି ଚାଲି ଗାଁ କୁ ଆସନ୍ତି । ବର୍ଷା ଦିନ କଥା ଛାଡ଼, ଗରମ ଦିନରେ କାଁ ଭାଁ ଯଦି ଗୋଟେ ମୋଟର ସାଇକେଲ ଗାଁ ଭିତରକୁ ଆସିଛି, ପିଲାଙ୍କ ସହିତ ସମସ୍ତେ ମୋଟର ସାଇକେଲ ଦେଖିବା ପାଇଁ ଗୈଡ଼ି ଆସନ୍ତି । ଗରୀବ ଗାଁଉଲି ଲୋକ , ମୋଟର ସାଇକେଲ କାହୁଁ ପାଇବେ । ଗାଁ ରେ ଯେଉଁମାନେ ଧନିଶ୍ରେଣୀରେ ଗଣତି ହୁଅନ୍ତି, ତାଙ୍କ ଘରେ ସାଇକେଲ ଓ ରେଡ଼ିଓ ଥାଏ । ମାଟିଘର ଉଚ୍ଚା ପିଣ୍ଡାରେ ସକାଳୁ ସକାଳୁ ରେଡ଼ିଓ ବାଜୁଥାଏ, ଖବର ଶୁଣିବା ପାଇଁ କିଛି ଲୋକ ରୁଣ୍ଡ ହୋଇଯାନ୍ତି ।ତାରି ଭିତରେ କେତେ ଖୁସିଗପ ଓ ଥଟାମଜା । ଶାନ୍ତିର ବାତାବରଣ ।ଗାଁ ଇଜିମାଇଲ୍ ପରିସ୍କାର ପୋଖରୀରେ କାଚ୍‌କେନ୍ଦୁ ପରି ପାଣି । ଚାହିଁଲେ ମୁହଁ ଦେଖାଯିବ । ସେଇଠି ସମସ୍ତେ ପୋଖରୀ ତୁଠରେ ଗାଧେଇ ସୂର୍ଯ୍ୟ ଦେବତାଙ୍କୁ ଜଳ ଅର୍ଘ୍ୟ ଅର୍ପଣ କରନ୍ତି । ଗାଁ ଚାରିପାଖରେ ସୁନ୍ଦର ଧାନ କ୍ଷେତ । ସେଇଠି ବିତେ ଦିନ ତମାମ ପରିଶ୍ରମ କରି । ଚାଷ ହିଁ ସମ୍ବଳ । ବରଷକ ପାଇଁ ପେଟ ପାଇଁ ଦାନା ସେହି କ୍ଷେତ ହିଁ ଦିଏ । ସୂରୁଯ ନଇଁଲେ, ମୁହଁ ଅନ୍ଧାର ଆସିଲେ, ସମସ୍ତେ ଫେରନ୍ତି ବିଲରୁ ଘରକୁ । ନାଲି ଚାହା ସହିତ ମୁଢ଼ି ମୁଠେ ଖାଇ ବୟସ୍କ ଲୋକମାନେ ପହଞ୍ଚି ଯାଆନ୍ତି ଗାଁ ରେ ଥିବା ଭାଗବତ ଟୁଙ୍ଗିରେ । ଲଣ୍ଠନର ମିଂଜି ମିଂଜି ଆଲୁଅରେ ଚାଲେ ଭାଗବତ ପଢ଼ା ଓ ଭାଗବତ ସହିତ ପୁରାଣ,ରାମାୟଣ ଚର୍ଚ୍ଚା । ଦୂରେଇ ଯାଏ କ୍ଳାନ୍ତି,ମନ ହୁଏ ପବିତ୍ର । ରାତି ଘଡ଼ିଏ ଡେଇଁଲେ,ପାଖ ଜଙ୍ଗଲରେ ,ବିଲୁଆର ହୁକେ ହୁ ରଡ଼ି ସୂଚେଇ ଦିଏ ଘରକୁ ଫେରିବାର ସମୟ । ପରିଶ୍ରମୀ ମଣିଷ ଘରକୁ ଫେରି ସ୍ତ୍ରୀ ହାତରନ୍ଧା ଭାତ ତରକାରୀ ଖାଇଦେଇ ଆରାମରେ ଶୋଇଯାଏ ହେଂସ ଉପରେ ଛିଣ୍ଡା କନ୍ଥାଟିଏ ବିଛେଇ ଠିକ୍ ସମୟରେ । ଆଜିକାଲି ଭଳି ଏତେ ବ୍ୟସ୍ତ ବହୁଳ ଜୀବନ ନଥିଲା କିଛି ବର୍ଷ ତଳେ । ଏବେ ସମୟ ସୁଅରେ ତାଳ ଦେଇ ଗାଁର ଭିତ୍ତିଭୂମି ଓ ପରିବେଶ ରୂପାନ୍ତରିତ ହୋଇଛି ଅନେକ ମାତ୍ରାରେ । ମନରେ ଆସିଛି ପରିବର୍ତ୍ତନ ।ନାହିଁ ସେତେଟା ସହନଶୀଳତା, ଉଦାର ମନୋଭାବ,ନଡାକିଲେ ବି ଅନ୍ୟର ବାହାଘର, ବ୍ରତଘର ଭଳି କାର୍ଯ୍ୟରେ ସ୍ୱତଃ ଯୋଗଦାନ କରୁଥିବା ମଣିଷ ଆଜି ଡାକିଲେ ବି ଆସିବାକୁ ଅମଙ୍ଗ । ଏକତାର ଘୋର ଅଭାବ । ଅଧିକାଂଶ କ୍ଷେତ୍ରରେ ଦେଖା ଯାଉଛି ବିଭିନ୍ନ ରାଜନୈତିକ ଦଳ ପ୍ରତି ଆନୁଗତ୍ୟତାର ପ୍ରଭାବ । ହଜି ଗଲାଣି ବହୁ ପୁରାତନ ପ୍ରଥା ପରମ୍ପରା ଅତ୍ୟାଧୁନିକ ଆଲୁଅର ପ୍ରଭାବରେ ।ବାରମାସରେ ତେର ପର୍ବରେ ହେଉଥିବା ମଜା ଖୁସି ଆଉ ନାହିଁ । ରଜ ଆସିଲେ, ମାସକୁ ପୂର୍ବରୁ ପ୍ରସ୍ତୁତି ଚାଲୁଥିଲା । ମାଟିଘର ଲିପା ହେବ । ରଜରେ ନାନା ପିଠାପଣା ହେବ । କେତେ ବନ୍ଧୁ ବାନ୍ଧବ ଘରକୁ ଆସିବେ । ହସ ଖୁସିରେ ଘର ଫାଟିପଡିବ । ଏମିତି ଖୁସି ଆଉ ଅଛି କି ? ପୋଡପିଠା ବଦଳରେ ପିଜା ବର୍ଗର ପାଇଁ ଆମେ ବ୍ୟାକୁଳ ।ଗାଁ ଗାଁ ରେ ବାଦି ପାଲା । ଅନେକ ଜାଗାରେ ଗାଁ ପିଲାଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ନାଟକ ମଂଚସ୍ଥ ହେଉଥିଲା । ଏସବୁ ପ୍ରାୟ କୁଆଡେ ହଜିଗଲାଣି । ମିଳିତ ଦୋଳି ଖେଳ ଆଉ ନାହିଁ । କବାଡି ଖେଳ ଆମେ ଭୁଲି ଗଲେଣି । ପୁଚି ଖେଳ,ଫୁଲ ବଉଳବେଣୀ ଗୀତ ପ୍ରାୟ ସମାଧି ନେବା ଉପରେ । କେମିତି ବା ଆମ ପିଲାଏ ଶିଖିବେ,କିଏ ଶିଖେଇବ ? ବାପା ମାଆଙ୍କ ପାଖରେ ସମୟ ନାହିଁ । ପିଲା ପଢୁଛି ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ । ଶିଖୁଛି ବିଭିନ୍ନ ଅର୍ଥହୀନ ଇଂରାଜୀ ରାଇମ୍ସ । ' ମାମୁଁ ଘରେ ଗୋଠେ ଗାଇ, ରାତି ପାହିଲେ ଗୋଟେ ନାହିଁ,' ଏ ଅର୍ଥପୂର୍ଣ୍ଣ ମିଠା ଗୀତର ତାତ୍ପର୍ଯ୍ୟ ଆଉ ନାହିଁ । ଗାଁ ର ଅନତି ଦୂରରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ । ବାପା ମାଆ ଡାକିବା ବଦଳରେ ପିଲା ଡାଡି ମମି ଡାକ ଶିଖୁଛି । ଏଇଟା କୁଆଡେ ଗୋଟେ ଷ୍ଟାଟସ୍ ସିମ୍ବଲ୍ ।ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ିବାରେ କିଛି ଅସୁବିଧା ନାହିଁ । କିନ୍ତୁ ନିଜ ମାତୃଭାଷା ଓ ସଂସ୍କାର ସଂସ୍କୃତି କୁ ପିଲା ଭୁଲି ନଯାଆନ୍ତୁ, ଏଥିପାଇଁ ଆମକୁ ସଚେତନ ହେବାକୁ ପଡ଼ିବ । ଆଜିକାଲି ଗାଁ କୁ ଚିକଣିଆ କଂକ୍ରିଟ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ।ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ପାଖରୁ ଗାଁ ଭିତରକୁ ରାସ୍ତା ବି ଖୁବ୍ ସୁନ୍ଦର । ସମୟ ଥିଲା, ପ୍ୟାଣ୍ଟ ଅବା ଧୋତିକୁ ଆଣ୍ଠୁ ଉପରକୁ ଟେକି କାଦୁଅରେ ଗାଁ କୁ ଯିବାକୁ ହେଉଥିଲା । ଏବେ ଆଉ ସେ ସମୟ ନାହିଁ । ଗାଁରେ ଥିବା ଧାଡ଼ି ଧାଡ଼ି ନଡ଼ା ଛପର ଘରର ନକ୍ସାରେ ବିରାଟ ପରିବର୍ତ୍ତନ । ସରକାରଙ୍କ ଅନୁଦାନ ଓ ସହଯୋଗରେ ଅନେକ କୋଠାଘର । କେହି କେହି ନିଜର ପରିଶ୍ରମ ଓ ଉଦ୍ୟମରେ ତୋଳିଛନ୍ତି କଂକ୍ରିଟ ଘର । ପ୍ରାୟ ଘରେ ଅଛି ଗୋଟେ ଦୁଇଟା ମୋଟର ସାଇକେଲ । ଆଉ କାହାରି କାହାରି ଘରେ ମୋଟର ସାଇକେଲ ସହିତ ଚାରିଚକିଆ ଗାଡ଼ି । ଘରେଘରେ ବିଭିନ୍ନ କମ୍ପାନୀର ଦାମିକା ରଙ୍ଗୀନ ଟିଭି । ସମୟ ଥିଲା ଲୋକମାନେ ରାତିରେ ଖୁବ୍ ଶୀଘ୍ର ଶୋଇ ପଡୁଥିଲେ । କିନ୍ତୁ ଏବେ ମୋବାଇଲ ଓ ଟିଭି ପ୍ରଭାବରେ ଡେରିରେ ଶୋଇବା ଓ ସକାଳେ ଡେରିରେ ଉଠିବା ଏକ ସ୍ୱାଭାବିକ କଥା ।ଅର୍ଥନୈତିକ ଦୃଷ୍ଟିକୋଣରୁ ଆସିଛି ପରିବର୍ତ୍ତନ କିନ୍ତୁ ସାମାଜିକ, ସାଂସ୍କୃତିକ ଓ ନୈତିକତା ଦୃଷ୍ଟିରୁ ଘଟିଛି ଅଧପତନ । ଆଉ କାହିଁ ଭାଗବତ ଟୁଙ୍ଗି ଦେଖା ଯାଉନାହିଁ । ପାଲା ପରମ୍ପରା ବୁଡ଼ି ବୁଡ଼ି ଯାଉଛି , ଦାସ୍ କାଠିଆ, ଚଢେଇଆ ଚଢେଆଣି ନାଚ ବିଲୁପ୍ତ । ଭଲପାଇବାରେ ଓ ଭାଇ ଚାରାରେ ଆଉ ଆଗଭଳି ଏତେଟା ନିବିଡତା ଥିଲା ଭଳି ଲାଗେନି । ପିଲାଦିନେ ଅଘିରା ପୂର୍ଣ୍ଣମୀରେ କେତେ ମଜା ହେଉଥିଲା । ଗାଁର ସବୁ ଲୋକଙ୍କ ଘରୁ କିଛି କିଛି ଚାଉଳ ଓ ପଇସା ଆଦାୟ ହେଉଥିଲା । ସେହି ପଇସାରେ ଗୋଟେ ଭଲ ଭୋଜିଭାତର ଆୟୋଜନ ହେଉଥିଲା । ଗାଁର ସମସ୍ତେ ନିଜ ନିଜର ଘରୁ କୁଟା ବିଡା ଆଣି ଗୋଟିଏ ନିର୍ଦ୍ଦିଷ୍ଟ ଜାଗାରେ ରଖୁଥିଲେ ଜଣେ ମୁରବୀ ଶ୍ରେଣୀର ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ । ତାପରେ ସେହି କୁଟା ବିଡା ସବୁକୁ ସଜେଇ ଉଚ୍ଚା କରି ରଖାଯାଇ ମୃଦଙ୍ଗ, ଖଂଜଣି ଆଦି ବାଦ୍ୟଯନ୍ତ୍ରର ସୁମଧୁର ତାଳରେ କେହି ଜଣେ ବ୍ରାହ୍ମଣ ପୂଜା କରୁଥିଲେ ଅଗ୍ନି ଦେବତାଙ୍କୁ । ପୂଜା ପରେ ସେହି କୁଟାରେ ଅଗ୍ନି ସଂଯୋଗ କରାଯାଉଥିଲା । ନିଆଁ ହୁ ହୁ ହୋଇ ଜଳିବା ବେଳେ, ସେହି ଅଗ୍ନି ଭିତରକୁ, ଲୋକମାନେ ସାଙ୍ଗରେ ଆଣିଥିବା ଆଳୁ, ବାଇଗଣ, ଟମାଟୋ ଆଦି ନିକ୍ଷେପ କରୁଥିଲେ କିଛି ଦୂରରୁ । ଅଗ୍ନି ନିର୍ବାପିତ ହେବା ପରେ ସେହି ପାଉଁଶ ଭିତରେ ଲମ୍ବାଳିଆ କାଠି ବା ବାଡ଼ି ସାହାଯ୍ୟରେ ପୋଡ଼ା ଆଳୁ, ବାଇଗଣ, ଟମାଟୋକୁ ଲୋକମାନେ ଖୋଜି ନେଉଥିଲେ ଯାହା ସମସ୍ତଙ୍କ ପାଇଁ ଥିଲା ପ୍ରସାଦ ଭଳି । ଶେଷରେ ମାଟି ଉପରେ ଧାଡ଼ିରେ ବସି ଭୋଜି ଖିଆ ଯାଉଥିଲା, ପଂକ୍ତି ଭୋଜନ । କି ଆନନ୍ଦ,କି ଖୁସି । ଅଛି କି ଆଉ ଏ ପରମ୍ପରା ଗାଁରେ । ଅଘିରା ପୂର୍ଣ୍ଣମୀ ପାଳିତ ହେଉଛି, କିନ୍ତୁ ଭୋଜିଭାତ ନାହିଁ । ସମସ୍ତେ ବସି ଭିଡିଓ ଦେଖିବାର ମଜା ବି ନାହିଁ । ଅଘିରା ପୂର୍ଣ୍ଣମୀ,ଖୁଦୁରୁକୁଣୀ ଓଷା, ଏକୋଇଶା ଆଦି କାର୍ଯ୍ୟକ୍ରମରେ ଗାଁ ଗାଁରେ ଭିଡିଓ ହେଉଥିଲା ।ଆଜିକାଲି ଭଳି ସେତେବେଳେ ରଙ୍ଗୀନ୍ ଟିଭି ନଥିଲା । ସିନେମା ହଲ୍ ପାଖାପାଖି ବି ନଥିଲା । ଲୋକମାନେ ଭିଡିଓ ଦେଖୁଥିଲେ ତଳେ ବସି । ଯଦି ମଝିରେ କେଉଁଠି କ୍ୟାସେଟ ରିଲ୍ ଅଟକି ଯାଉଥିଲା, ଟିଭି ଝିଲିମିଲି ହେଉଥିଲା, ବଗୁଲିଆ ପିଲା କିଛି ବଡ଼ ପାଟିକରି କହୁଥିଲେ, ଏ ଭିଡିଓ ବାଲାର ଟିଭି ଖରାପ, ଟିଭି ନେଇ ପାଣିରେ ବୁଡ଼ ?ଇ ଆଣ ନହେଲେ କ୍ୟାସେଟକୁ ସୋଡା ପାଣିରେ ସଫା କରିଆଣ । ତାପରେ ନାନା କଥା ସହିତ ହାସ୍ୟରୋଳ । ଏବେତ ଘରେଘରେ ସବୁଦିନ ସମସ୍ତେ ସିନେମା ଦେଖୁଛନ୍ତି ବଡ଼ ରଙ୍ଗୀନ୍ ଟିଭି ପରଦାରେ । କିନ୍ତୁ ସେହି ଖୁସି ଆଉ ନାହିଁ ।ଏକତା ଓ ଭାଇଚାରାର ଅଭାବ ।ଗାଆଁରେ ଯଦି କେହି ମୃତ୍ୟୁବରଣ କରୁଛି, ତାହେଲେ ତା ଶବ ସତ୍କାର କରିବା ପାଇଁ ଆସୁଥିବା ସାହିଭାଇ ମଦିରା ମାଗୁଛନ୍ତି । ମରିଥିବା ଲୋକର ପରିବାର ପ୍ରତି ଏଇଟା ପ୍ରଥମ ସମବେଦନା ! କେଇହାତ ଜାଗା ପାଇଁ ଭାଇ ଭାଇ ଭିତରେ ମନମାଳିନ୍ୟ, ମାରପିଟ୍ । ରାଜନୈତିକ କାରଣକୁ ନେଇ ମାମଲା ଥାନା, କୋର୍ଟ କଚେରୀକୁ ଯାଉଛି । ନିଶାପ ମଣ୍ଡପ ଆଉ ନାହିଁ ଯେଉଁଠି ଆଗରୁ ଗାଁର ମୁରବୀ ସ୍ଥାନୀୟ ବ୍ୟକ୍ତିମାନେ ସବୁ ସମସ୍ୟାର ଆପୋଷ ସମାଧାନ କରୁଥିଲେ ।ଏସବୁ କେତୋଟି ନକାରାତ୍ମକ ପରିବର୍ତ୍ତନ ଦେଖାଯାଉଛି ଏବେ ଗାଁର ଶାନ୍ତ ପରିବେଶରେ ।ପରିବର୍ତ୍ତନର ଉଜାଣି ସୁଅରେ ଭାସିଯାଇଛି ଅନେକ ବର୍ଷର ପ୍ରଚଳିତ ପ୍ରଥା, ପରମ୍ପରା । ଆଧୁନିକତାର ଛାପ ସବୁଠି ସ୍ପଷ୍ଟ । ବଡ଼ିଚୁରା,ଦହି ପଖାଳ,ଶାଗ ଖରଡା, ଶୁଖୁଆ ଚଡଚଡି, ଆଉ ବିଶେଷ ଖାଇବାକୁ ମିଳୁନି । ଏସବୁ ଖାଦ୍ୟ ବି ଆମ ଆଧୁନିକ ପାଠ ପଢୁଆ ବୋହୂ ମାନେ ପସନ୍ଦ କରୁ ନାହାନ୍ତି । ମାଛ ମାଂସ ଆଦି ମସଲା ଜାତୀୟ ଖାଦ୍ୟ ପିଲାଙ୍କର ଭାରି ପସନ୍ଦ ।ନାମିଦାମୀ ହୋଟେଲରେ କିନ୍ତୁ ପଖାଳ ଦିବସ ପାଳନ ହେଉଛି । ଉଚ୍ଚା ଦାମ୍ ଦେଇ ସହରୀ ବାବୁମାନେ ଖାଉଛନ୍ତି ପେଟ ପୁରେଇ । ଅନ୍ୟପଟେ ସହରର ଚାଲିଚଳଣି ଗାଁ ପରିବେଶରେ ପ୍ରବେଶ କରି ସାରିଛି । ଗାଁରେ ଆଉ କାହାରି ଘରେ ବଳଦ ନାହାଁନ୍ତି । କିଏ ଜଣେ ଅଧେ ଗୋଟେ ଦୁଇଟା ଗାଇ ରଖିଛନ୍ତି । ଗାଈଗୋଠ ସ୍ୱପ୍ନ । ପୂଜାପାଠ ସମୟରେ ଗୋବରର ଆବଶ୍ୟକତା ମେଣ୍ଟେଇବା ପାଇଁ ଯାହା ଘରେ ଗାଈ ଅଛନ୍ତି, ତାଙ୍କ ଘରକୁ ଯାଇ ଗୋବର ଟିକେ ମାଗି ଆଣୁଛୁ । ଆଗରୁ ସିନା ସକାଳେ ମାଟି ଦାଣ୍ଡ ଦୁଆରରେ ଗୋବର ପାଣି ପକେଇ ପବିତ୍ର କରାଯାଉଥିଲା, ଏବେତ ଆଉ ତା'ର ଆବଶ୍ୟକତା ନାହିଁ କାରଣ ସବୁଆଡେ କଂକ୍ରିଟ ଚଟାଣ ,ପୁଣି ମାର୍ବଲ ପଡ଼ିଛି ।ଗାଈ ଚରିବା ପାଇଁ ଥିବା ଗୋଚର ଜାଗା ଜବରଦଖଲକାରୀଙ୍କ କବଜାରେ । ଗାଁରେ ଥିବା ଆମ୍ବ ପିଜୁଳି,ଆତ , ବରକୋଳି, ଜାମୁକୋଳି ଭଳି ଗଛ ବହୁ ପରିମାଣରେ କମି ଯାଇଛି । ସାହି ସାହିରେ ଗଢ଼ି ଉଠିଛି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ । ଘରର ଚାରି କାନ୍ଥ ଭିତରେ ରହୁଥିବା ମହିଳାମାନେ ହେଉଛନ୍ତି ଆତ୍ମନିର୍ଭରଶୀଳ । ଏଇଟା ବହୁତ ଭଲକଥା । ସମୟ ଥିଲା ଯେତେବେଳେ ଗାଁର ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇଁ ସହରକୁ ଯାଉଥିଲେ ।ଏବେ ପ୍ରାୟ ପଂଚାୟତରେ କିଛି ନହେଲେ ବି ଆୟୁର୍ବ?ଦିକ୍ କିମ୍ବା ହୋମିଓପାଥିକ୍ ଡାକ୍ତର ଅଛନ୍ତି । ଲୋକଙ୍କୁ ସ୍ୱାସ୍ଥ୍ୟସେବା ମିଳୁଛି ହାତ ପାହାନ୍ତାରେ । କିନ୍ତୁ କେତେକ କ୍ଷେତ୍ରରେ ଦେଖାଯାଉଛି ପାହାଡିଆ ଅଞ୍ଚଳରେ ରାସ୍ତା ଘାଟ ଅଭାବରୁ ଲୋକେ ଭାରରେ ବୁହା ହୋଇ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହେଉଛନ୍ତି । ଏ ମୌଳିକ ସମସ୍ୟାର ସମାଧାନ କେବେ ହେବ , ସେକଥା ସମୟ କହିବ । କିନ୍ତୁ ଏକଥା ସତ ପରିବର୍ତ୍ତନର ପବନ ସବୁଠି ବହିଛି ଅଳ୍ପ ବହୁତେ । ବିଦ୍ୟାଳୟ, ପୋଷ୍ଟ ଅଫିସ୍ , ବ୍ୟାଙ୍କ, ସବୁକିଛିର ସୁବିଧା ମିଳୁଛି ଗାଆଁରେ । ଗାଁକୁ ଆଧୁନିକତାର ଆଲୁଅ ଆସୁ, ଗାଁ ଆଲୋକିତ ହେଉ, କିନ୍ତୁ ଆଧୁନିକତା ନାମରେ ଗାଁ ମାଟି ତା'ର ମୌଳିକତା, ନୈତିକତା ଓ ଫୁଲ ବଉଳବେଣୀ ଗୀତକୁ ହଜେଇ ନଦେଉ ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ -୯୪୩୭୩୨୦୩୫୦*

# ଦେହ ଦେଉଳ ଓ ଆତ୍ମା ଦେବତା



ସୌର ଚନ୍ଦ୍ର ମହାପାତ୍ର

ମନ୍ଦିର ଖୁବ୍ ସୁନ୍ଦରଭାବରେ ସଜ୍ଜିତ । ଆକର୍ଷଣୀୟ ରଙ୍ଗରେ ରଙ୍ଗାୟିତ । ଲୋକମାନେ ଆକୃଷ୍ଟ ହେଉଛନ୍ତି । ଗହଳି ଲାଗୁଛି । ଏ ସବୁ ଠିକ୍ ଅଛି । ଯଦି ମନ୍ଦିର ଭିତରେ ଦିଅଁଙ୍କର ସେବାପୂଜା ହେଉନାହିଁ, ବିଗ୍ରହରେ ଅଳନ୍ଧୁ ଲାଗିଛି, ଭିତର ଅତି ଅପରିଷ୍କାର ହୋଇଛି, ତେବେ ଭକ୍ତ ଆଉ ଆସିବେନାହିଁ । ଏହାକୁ ମନ୍ଦିର ବୋଲି ବିଚାରିବେ ନାହିଁ । କ୍ରମଶଃ ଦୂରେଇଯିବେ । ସେମାନଙ୍କର ଭକ୍ତିଭାବନାରେ ବିତସ୍ପୃହତା ଆସିବ । ଥରେ ବିଚାର କଲ, ଦିଅଁଙ୍କ ପାଇଁ ମନ୍ଦିର ପ୍ରତିଷ୍ଠିତ ନା ମନ୍ଦିର ପାଇଁ ଦିଅଁଙ୍କ ପ୍ରତିଷ୍ଠା ! ପ୍ରଥମେ ଦିଅଁଙ୍କର ପରିକଳ୍ପନା କରାଯାଏ ପରେ ମନ୍ଦିରର ଯୋଜନା । କିନ୍ତୁ ଆମେ ମନ୍ଦିର ସଜାଇବାରେ ଲାଗିଲୁ । ଦିଅଁ ଅବ୍ୟବସ୍ଥିତ ହୋଇ ପଡିରହିଲେ । ଲାଭ କ'ଣ ହେଲା ! ଦିଅଁ ଅପୂଜା ରହିଲେ ମନ୍ଦିର ପବିତ୍ର ପୀଠ ହୁଏନା; ହୁଏ ସାଧାରଣ କୋଠରୀଟିଏ । ସେହିପରି ଆମ ଦେହ ଦେଉଳ । ଆତ୍ମା ଏଥିରେ ଦେବତା । ଦେହକୁ ସଜେଇବାରେ ଆମେ ଯେତେ ଯତ୍ନଶୀଳ, ଦେହୀ କଥା କେବେ ଚିନ୍ତାକରିଛୁ ! ଭାଗବତରେ କୁହାଯାଇଛି- 'ଧନ୍ୟ ତା' ଜୀବନ ଜଗତେ । ଯେ ପ୍ରାଣ ଧରେ ପ୍ରାଣୀହିତେ ।। ଆତ୍ମାର ହିତ ନିତ୍ୟେ କର । ହସି କହନ୍ତି ଚକ୍ରଧର ।।' ଏଇ କଥାକୁ ଲକ୍ଷ୍ୟକରି ଆମେ ଆତ୍ମା କହିଲେ ଅନ୍ୟର ସେବାକୁ ବୁଝୁ । ଅନ୍ୟର ଉପକାର କଥା ଚିନ୍ତାକରୁ । ଏହା ତ ଠିକ୍ । ତଥାପି ଏହାର ଗୁହ୍ୟ ଅର୍ଥଟି ହେଉଛି- ଆତ୍ମକଲ୍ୟାଣ କରିବା । ଶରୀର ଭିତରେ ଶରିରୀଙ୍କୁ ଚିହ୍ନିବା । ଦେହ ମନ୍ଦିରକୁ ସଜାଉଛେ ହେଲେ ଦେହୀଙ୍କ କଥା ବିଚାରକୁ ନନେବା ଖୁବ୍ ଅନ୍ୟାୟ । ମନୁଷ୍ୟ ଜନ୍ମ ପାଇ ମନୁଷ୍ୟତ୍ୱ ହରାଇବା ଠାରୁ ଦୁର୍ଭାଗ୍ୟ କ'ଣ ଥାଇପାରେ !!! ଭଗବାନ ଶ୍ରୀ ସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି ପର ଉପକାର ପାଇଁ ସର୍ବଦା ନିଜକୁ ଉତ୍ସର୍ଗୀକୃତ କରିବା କଥା ଏବଂ ଜୀବନର ଶ୍ରେଷ୍ଠତା ହେଉଛି ପରୋପକାର ଓ ନିଃସ୍ୱାର୍ଥପର ସେବା ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,*
*କଟକ,*
*ଦୂରଭାଷ : ୯୪୩୭୦୦୪୪୬୬*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,*
*ସେକ୍ଟର-୬, କଟକ*




## ଉଦୟନାଥ ଶୈବ ପୀଠରେ ଅପରାଜିତା ଷଡଙ୍ଗୀଙ୍କ ରୁଦ୍ରାଭିଷେକ



ଶେରଗଡ଼ (ପିଏନ): ଗଂଜାମ ଜିଲ୍ଲା ରାଜନୀତି ଏବେ ସରଗରମ ହୋଇପଡିଛି ଓ ଭିକେ ପାଣ୍ଡିଆନ ବିଜେଡିରେ ଯୋଗଦେବା ପରେ ତାରାତାରିଣୀ ପୀଠକୁ ଆସି ଆଶ୍ରିବାଦ ଲୋଡିଥିବା ବେଳେ ପବିତ୍ର କାର୍ତିକ ପୂର୍ଣ୍ଣିମା ଅବସରରେ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ, ନବୀନଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶେରଗଡ଼ ବ୍ଲକ ର କରଡ଼ାକଣା ଠାରେ ରହିଥିବା ସ୍ୱାମୀ ଉଦାୟନାଥ ଶୈବ ମନ୍ଦିରରେ ରୁଦ୍ରାଭିଷେକ କରି ଆଶିଷ କାମନା କରିଛନ୍ତି କ୍ଷ ଉଭୟଙ୍କ ଲକ୍ଷ ଯାହା ହେଉନା କାହିଁକି ଏମାନେ ରାଜନୀତିରେ ରହିଥିବାରୁ ନିଶ୍ଚିତ ଭାବେ ନିଜର ରାଜନୀତିକ ପତ୍ତିଆର ବୃଦ୍ଧି ଏବଂ ଲୋକଙ୍କ ସେବା ପାଇଁ ଉତ୍ସାର୍ଗିକୃତ ମନଭାବ ରଖିଥିବା ପ୍ରକାଶ କରିଛନ୍ତି ଓ ଶେରଗଡ଼ ଚ଼ାରିଛକରୁ ବିଜେପି କର୍ମକର୍ତା ଏବଂ ଦଳୀୟ କର୍ମୀ ମାନେ ଅପରାଜିତା ଷଡଙ୍ଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ପାଦରେ ଚ଼ାଲି ଚ଼ାଲି ଆସୁଥିବା ବେଳେ ରାସ୍ତାରେ ପଡୁଥିବା ବିଭିନ୍ନ ଗ୍ରାମରେ ତାଙ୍କୁ ଉତ୍ସାର୍ଗିକୃତ ସମ୍ବର୍ଦ୍ଧନା କରାଯାଇଥିଲା କ୍ଷ ଏହି ରୁଦ୍ରାଭିଷେକ ରେ ଦକ୍ଷିଣ ଓଡିଶା ର ଉଦୟମାନ ଯୁବ ନେତା ଅମ୍ବିକା ପ୍ରସାଦ ପଣ୍ଡା, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ରଶ୍ମି ରଞ୍ଜାମ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ ଜେନା, ଭାରତୀୟ ମଜଦୁର ସଙ୍ଘ ସଭାପତି ନାରାୟଣ ସାବତ, ରାଜୀବ ମିଶ୍ର ଓ ବିଜେପି ର ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ଫୁଲବାଣୀ ପ୍ରେସ କ୍ଲବ ସଭାପତି ମାଗଣା ଶୀତ ବସ୍ତ୍ର ପ୍ରଦାନ

ଫୁଲବାଣୀ,(ସୂର୍ଯ୍ୟ ନାରାୟଣ ବେହେରା,(ପି.ଏନ): କନ୍ଧମାଳ ରେ ଏବେ ଶୀତର ପ୍ରକୋପ ଧୀରେ ଧୀରେ ବଢୁଥିବାରୁ ଗରିବ ଲୋକେ ଏବେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କି ବୁଢା କି ପିଲା ସମସ୍ତେ ଏବେ ନିଆଁ ଜାଳି ନିଆଁ ପାଖରେ ବସୁଛନ୍ତି ।ବିଶେଷ କରି ବୁଢା ବୁଢୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ।ଏପରି ସ୍ଥଳେ ଗରିବ ଲୋକଙ୍କୁମାଗଣାରେ କମ୍ବଳ ପ୍ରଦାନ କରିବାକୁ ଆଗେଇ ଆସିଛନ୍ତି ବରିଷ୍ଠ ସାମ୍ବାଦିକ ତଥା ଫୁଲବାଣୀ ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ, କଟକ ଆଇଟିଆଇ ର ପଦସ୍ଥ ଅଧିକାରିଣୀ ଶ୍ରୀମତୀ ଗୀତାଞ୍ଜଳି ସାହାଣୀ ମିଶି ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡ୍ରେଜୁ ପଞ୍ଚାୟତ ଅନ୍ତର୍ଗତ ସୁ ଡ୍ରେଜୁ ଗ୍ରାମ ର ବିଜୟ ପ୍ରଧାନ, ବିପ୍ର ନାୟକ, ସୁମିତ୍ରା ନାୟକ ଅକ୍ଷଡି ମୁଣ୍ଡା ଗ୍ରାମର ଯମୁନା ମଲିକ, ଗଣେଶ ମଲିକ, ବାଲରସେନ୍ ମଲିକ, ଓ ଭେଟଖୋଲ ଗ୍ରାମର ଉର୍ମିଳା ବେହେରା, ବି ବଛା ନାୟକ, ବୀର ବେହେରା, ଅଙ୍ଗଦ ନାୟକ, ବିପିନ ବିହାରୀ ଗଣ୍ଡା, ଶୁକ ଦେବ ବେହେରା, ବିରଞ୍ଚି ବେହେରା, ରେବତୀ କହ୍ନର, ରେବତୀ ମଲିକ, ଚ଼ଇତ ଗଣ୍ଡା, ଲି ଲି ବେହେରା,ବାଳକ ରଣା ଓ ରମ୍ଭା କହ୍ନର ପ୍ରମୂଖ ଗରିବ ନିଃସହାୟବୁଢା ବୁଢ଼ୀ ଲୋକଙ୍କୁ ଶୀତବସ୍ତ୍ର ଓ ବିସ୍କୁଟ ଆଦି ପ୍ରଦାନ କରିଥିଲେ ।ଶୀତ ବସ୍ତ୍ର ପାଇ ଲୋକେ ଖୁସି ଅନୁଭବ କରିବା ସହ ଶୀତ ରୁ ଏବେ ରକ୍ଷା ମିଳିବ ବୋଲି କହିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଗଣେଶ ପ୍ରଧାନ, ଯୁବ ସାମାଜ ସେବୀ ବିବେକନନ୍ଦ ଗଣ୍ଡା( ରିଙ୍କୁ) ପ୍ରମୂଖ ଉପସ୍ଥିତ ଥିଲେ ।

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ହିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନକ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

## ଦିଲ୍ଲୀର ହାଉଜ୍‌ଖାସ ଜଗନ୍ନାଥ ମନ୍ଦିରରେ ବୋଇତ ବନ୍ଦାଣ ଉତ୍ସବ ପାଳନ



ନୂଆଦିଲ୍ଲୀ (ପି.ଏନ): ନୂଆଦିଲ୍ଲୀର ହାଉଜଖାସ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଓ ବୋଇତ ବନ୍ଦାଣ ଉତ୍ସବ ମହା ସମାରୋହରେ ପାଳନ କରାଯାଇଥିବା ଜଣାଯାଇଛି ।ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘ ଦ୍ୱାରା ଆୟୋଜିତ ଏହି ମହୋତ୍ସବ ରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ରର ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ ସେମାନଙ୍କର ପରିବାର ବର୍ଗ ଓ ବନ୍ଧୁପରିଜନ ଙ୍କ ସହିତ ସାମିଲ ହୋଇଥିବାର ଦେଖା ଯାଇଥିଲା ।ଚଳିତ ବର୍ଷ ର ପାର୍ବଣ ରେ ଭାଗ ନେଇ ଥିବା ଦର୍ଶକମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଏବଂ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା ।ଏହି ଉପଲକ୍ଷେ ବୋଇତ ବନ୍ଦାଣ ର ସ୍ଥଳ ମନ୍ଦିର ପାର୍ଶ୍ୱବର୍ତ୍ତୀ ଫୁଆରା ର ଚାରିପଟ ଏବଂ ସମ୍ପୂର୍ଣ୍ଣ ମନ୍ଦିର ବେଢା କୁ ଖୁବ ସୁନ୍ଦର ଭାବେ ସଜାଯାଇଥିଲା । ସମଗ୍ର ପରିବେଶ ଅତ୍ୟନ୍ତ ଭକ୍ତିପୁତ ଓ ଉତ୍ସବ ମୁଖର ହୋଇପଡିଥିବାର ଲକ୍ଷ କରାଯାଇଥିଲା । ବଡ଼ି ଭୋରରୁ ପୂଜାରୀମାନେ ମୁଖ୍ୟ ମନ୍ଦିର ମଧ୍ୟରେ ଚାରିଦିଅଁଙ୍କର ସାମନାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଏହାପରେ ଫୁଆରା ର ପୋଖରୀ ରେ ଭାସମାନ ଥିବା ସୁନ୍ଦର ଓ ସୁସଜ୍ଜିତ ବୋଇତ ଟିକୁ ପୂଜା କରାଯାଇଥିଲା । ଉପସ୍ଥିତ ମହିଳା ମାନେ ବୋଇତ ର ବନ୍ଦାପନା କାର୍ଯ୍ୟ ସମ୍ପନ୍ନ କରିଥିଲେ । ପରେ ପରେ ସମାରୋହର ମୁଖ୍ୟ ଆୟୋଜକ ତଥା ମନ୍ଦିରର ସମ୍ପାଦକ ରବିନ୍ଦ୍ର ନାଥ ପ୍ରଧାନଙ୍କର ତତ୍ତ୍ୱାବଧାନ ରେ ସମ୍ମାନୀତ ଅତିଥିବୃନ୍ଦ ପାରମ୍ପରିକ ଢଙ୍ଗରେ 'ଆ-କା-ମା-ବୈ' ଧ୍ୱନୀ ଉଚ୍ଚାରଣ କରିବା ସହିତ ସୁଶୋଭିତ ବୋଇତ ଟିର ଯାତ୍ରାର ଶୁଭାରମ୍ଭ କରାଇଥିଲେ । ସମଗ୍ର ଗଗନ ପବନ ହରିବୋଲ, ହୁଳହୁଳି ଏବଂ ଶଙ୍ଖଧ୍ୱନୀ, ଭଜନ-କୀର୍ତ୍ତନ ର ସୁଲଳିତ ସ୍ୱର ଝଙ୍କାର ତଥା ଘଣ୍ଟ, ଝାଞ୍ଜ ଓ ମୃଦଙ୍ଗ ଆଦି ବାଦ୍ୟ ର ଘୋର ଘର୍ଗର ନାଦରେ ପ୍ରକମ୍ପିତ ହୋଇ ଉଠିଥିଲା । ଓଡ଼ିଆ ଜାତିର ମାନ,ସମ୍ମାନ ଓ ସ୍ୱାଭିମାନ ର ପ୍ରତୀକ ବୋଇତ ଟି ଫୁଆରା ର ଚତୁପାର୍ଶ୍ୱରେ ପରିଭ୍ରମଣ କରିବାର ଦୃଶ୍ୟ ବେଶ ନିଆରା ଓ ମର୍ମସ୍ପର୍ଶୀ ଥିଲା । ଅତୀତ ରେ ଓଡ଼ିଶାର ସାଧବ ପୁଅମାନେ ସୁଦୂର ଜାଭା, ସୁମାତ୍ରା ,ବାଲି ଓ ବୋର୍ଣ୍ଣିଓ ଆଦି ଦ୍ୱୀପ କୁ ବେପାର ବଣିଜ ପାଇଁ ଯାତ୍ରା କରୁଥିବାର ସାଙ୍କେତିକ ଝଲକ ଏଠାରେ ମିଳିଥିଲା । ସତେଯେପରି ବିଶ୍ୱଭରୀ ଓଡ଼ିଆ ମାନଙ୍କ ର ସୌର୍ଯ୍ୟ, ବୀର୍ଯ୍ୟ ଓ ମାଧୁର୍ଯ୍ୟ ର ଗୌରବ ଗାଥା କୁ ଏହି ସାଧବ ପୁଅ ମାନେ ବଖାଣୁଥିବା ଭଳି ପ୍ରତୀୟମାନ ହେଉଥିଲା ।ଓଡ଼ିଶାର ନୌବାଣିଜ୍ୟ ର ସ୍ୱର୍ଣ୍ଣାଭ ଇତିହାସ, ଗୌରବମୟ ପରମ୍ପରା ଏବଂ ମହାନ ସାଂସ୍କୃତିକ ଐତିହ୍ୟର ଅପୂର୍ବ ରୂପାୟନ ଏଠାରେ ଦେଖିବାକୁ ମିଳିଥିଲା । ସମାରୋହର ବିଶେଷ ଆକର୍ଷଣ ଓଡିଶାରୁ ଆସିଥିବା ମୟୂରୀ ଟ୍ରୁପ ର ମନଲୋଭା ସମ୍ବଲପୁରୀ ଲୋକନୃତ୍ୟ ପରିବେଷଣ ଥିଲା । ସମଗ୍ର କାର୍ଯ୍ୟକ୍ରମ କୁ ସ୍ୱର୍ଣ୍ଣ ପ୍ରଭା ପତି ସୁଚାରୁ ରୂପେ ସଂଚାଳନା କରିଥିଲେ । ଏହି ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ମନ୍ଦିର ତରଫରୁ ସ୍ୱାଦିଷ୍ଟ ହବିଷ ପ୍ରସାଦ ପରଷା ଯାଇଥିଲା ।ସମଗ୍ର ବୋଇତ ବନ୍ଦାଣ ଉତ୍ସବ ର ସଫଳତା ପଛରେ ଶ୍ରୀ ନୀଳାଚଳ ସେବାସଙ୍ଘର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, ଉପଦେଷ୍ଟା ଅବନୀ ସାହୁ ଏବଂ ସଦସ୍ୟ ବୃନ୍ଦ ଯଥା ବିଘ୍ନେଶ୍ୱର ରାଉତ, ଗଜେନ୍ଦ୍ର ସାମନ୍ତ ,ଅଶୋକ ପ୍ରଧାନ (କ),ପଙ୍କଜ ମହାନ୍ତି, କ୍ଷୀରୋଦ ପାତ୍ର, ଜିତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ, ଅଶୋକ ପ୍ରଧାନ(ଖ),ନିଷିଦ୍ଧ କୁମାର ଦାସ,ରଙ୍କନିଧି ସାହୁ,ଅଭୟ ପ୍ରଧାନ,ଦିଲ୍ଲୀପ ସ୍ୱାଇଁ, ଅଭିରାମ ସୁତାର, ସୁରଜ ନାୟକ ଓ ମନ୍ଦିର ପରିଚାଳକ ରଶ୍ମି ରଞ୍ଜନ ବେହେରା ପ୍ରମୁଖଙ୍କ ଭୂମିକା ବେଶ ଉଲ୍ଲେଖଯୋଗ୍ୟ ଥିଲା । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧ୍ୟରେ ଡ଼ଃ ସରୋଜ କୁମାର ଜେନା, ରଂଜିତା ଜେନା, ରାଘବ ଦାଶ ଓ ଆଇନଜୀବୀ ସନ୍ତୋଷ ରାଉତ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ ।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଲବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

## ରାଷ୍ଟ୍ର ନିର୍ମାଣରେ ଶିକ୍ଷାର ଭୂମିକା ଶୀର୍ଷରେ: ରାଜ୍ୟପାଳ



ଭୁବନେଶ୍ୱର,(ପି.ଏନ): ରାଷ୍ଟ୍ର ନିର୍ମାଣରେ ଶିକ୍ଷାର ଗୁରୁତ୍ୱ ସବୁଠୁ ଉପରେ ବୋଲି ଓଡ଼ିଶା ରାଜ୍ୟପାଳ ରଘୁବର ଦାସ କହିଛନ୍ତି । ଶନିବାର କିସ୍ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଶ୍ରୀ ଦାସ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ କହିଲେ, କୌଣସି କାମ ମନୋବଳଠାରୁ ବଡ଼ ନୁହେଁ । ଯଦି ନିଜ ଭିତରେ ଦୃଢ଼ ମନୋବଳ ଓ ପ୍ରବଳ ଇଚ୍ଛାଶକ୍ତି ରହିଛି ତେବେ ଯେ କୌଣସି କାମରେ ସଫଳତା ହାସଲ କରିହେବ । କିସ୍ ଭଳି ଅନୁଷ୍ଠାନ ଥିବାରୁ ଓଡ଼ିଶା ଓ ଝାଡ଼ଖଣ୍ଡର ଜନଜାତି ସଂପ୍ରଦାୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରି ସଶକ୍ତ ହେବା କିମ୍ କଥା ନୁହେଁ ବୋଲି ସେ କହିଥିଲେ । ସେ କହିଲେ, ଯୁବଶକ୍ତି ହେଉଛନ୍ତି ଏକବିଂଶ ଶତାବ୍ଦୀର ଭାରତର ବିକାଶର ପ୍ରେରଣାର ଉତ୍ସ । ଯୁବଗୋଷ୍ଠୀ ନିକଟରେ ତିନୋଟି ଜିନିଷ ରହିଛି ସର୍ଜନା ଓ ପରିକଳ୍ପନା, ନିଷ୍ପତ୍ତି ନେବାର ଶକ୍ତି ଓ କାମ କରିବାର ଜିଦ୍ ରହିଛି । ଏହି ତିନୋଟି ଜିନିଷ ଯାହା ନିକଟରେ ରହିଛି ସେ ସବୁ କାମରେ ସଫଳତା ହାସଲ କରିଥାଏ ବୋଲି ରାଜ୍ୟପାଳ କହିଥିଲେ । ସମାବର୍ତ୍ତନରେ ଦୀକ୍ଷାନ୍ତ ଅଭିଭାଷଣ ଦେଇ ନୀତି ଆୟୋଗର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜି-୨୦ ସେରପା ଅମିତାଭ କାନ୍ତ କହିଲେ, ଏଠାରୁ ଆଜି କୃତୀତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀମାନେ ଆହରଣ କରିଥିବା ଜ୍ଞାନକୁ ସମାଜ ଓ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରିବା ଉଚିତ । ସେ ଦେଶ ବିଦେଶର ବହୁ ଅନୁଷ୍ଠାନ ପରିଦର୍ଶନ କରିଥିଲେ ମଧ୍ୟ କିଟ୍ ଓ କିସ୍ ଭଳି ଅନୁଷ୍ଠାନ ସେ କେଉଁଠି ଦେଖିନାହାନ୍ତି । ବିଶ୍ୱରେ ବିରଳ ଏଭଳି ଅଭିନବ ଚିନ୍ତାଧାରା ପାଇଁ ସେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସେ ପ୍ରଶଂସା କରିଥିଲେ । କେବେ ବି ଜୀବନରେ ନିଜର ପିତାମାତା ଓ ଶିକ୍ଷାଦାତାଙ୍କୁ ଭୁଲି ନ ଯିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ବିଶିଷ୍ଟ ଅତିଥି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ଗ୍ରହଣ କରି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ ସମାଜର ଅବହେଳିତ, ଦଳିତ ଓ ନିଷ୍ପେସିତଙ୍କ ପାଇଁ ତୁମମାନଙ୍କର ଗୁରୁ ଦାୟିତ୍ୱ ରହିଛି । ସେମାନେ ସମସ୍ତଙ୍କ ଭଳି କିଭଳି ସବୁ କ୍ଷେତ୍ରରେ ସମାନ ଅଧିକାର ଓ ଆଇନଗତ ସୁରକ୍ଷା ପାଇ ପାରିବେ ସେଥିପାଇଁ ତୁମମାନଙ୍କ କର୍ତ୍ତବ୍ୟ ରହିଛି । ନିକଟରେ ସବୁବେଳେ ଠିଆ ହେବା ସହ ସେମାନଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଋଷିକେଶ ପରମାର୍ଥ ନିକେତନ ଆଶ୍ରମର ଅଧ୍ୟକ୍ଷ ତଥା ଆଧ୍ୟାତ୍ମିକ ମୁଖ୍ୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ କହିଲେ ମେଡାଲ ଜିତ କିନ୍ତୁ ସମସ୍ତଙ୍କ ପାଇଁ ମଡେଲ ହୁଅ । କିଟ୍ ହେଉଛି ବିଜ୍ଞାନ ଓ କିସ୍ ହେଉଛି ସେବା । ଏହି ଦୁଇ ଅନୁଷ୍ଠାନକୁ ଆଧ୍ୟାତ୍ମିକତା ଯୋଡ଼ିଛି ବୋଲି ସେ କହିଥିଲେ । ସିଙ୍ଗାପୁର ମନିଟାରୀ ଅଥରିଟିର ମୁଖ୍ୟ ଫିନ୍‌ଟେକ୍ ଅଫିସର ତଥା ସିଙ୍ଗାପୁର ବୋର୍ଡ ଅଫ୍ ଇଲେଭାଣ୍ଡିର ଅଧ୍ୟକ୍ଷ ସୋପ୍ନେନ୍ଦୁ ମହାନ୍ତି ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ଗ୍ରହଣ କରି ଜୀବନରେ ସଫଳତା ନିମନ୍ତେ ତିଷ୍ଠି ରହିବାର କଳାରେ ନିପୁଣ ହେବା ସହ ନିଜର ଶୈକ୍ଷିକ ଓ ବୃତ୍ତିଗତ ଦକ୍ଷତା ବିକାଶ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଭାରତୀୟ ସଂଗୀତଜ୍ଞ ତଥା ତିନିଥର ଗ୍ରାମୀ ପୁରସ୍କାର ବିଜେତା ରିକି କେଜ୍ ଯୋଗଦେଇ ସମଗ୍ର ବିଶ୍ୱ ଓ ଆମେ ସମସ୍ତେ ଗୁରୁତର ପରିବେଶ ସମସ୍ୟାର ସମ୍ମୁଖୀନ ହେଉଛେ । ଏହାର ମୁକାବିଲା ଓ ସମାଧାନ ନିମନ୍ତେ ଆମକୁ ପରିବର୍ତ୍ତନ କରିବାକୁ ପଡ଼ିବ । ବିଶ୍ୱକୁ ସମସ୍ତଙ୍କ ପାଇଁ ଏକ ସୁନ୍ଦର ସ୍ଥାନ ଭାବେ ପରିଣତ କରିବାରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଜ୍ଞାନର ବିନିଯୋଗ କରନ୍ତୁ ବୋଲି ସେ କହିଥିଲେ ।କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ସତ୍ୟ ଏସ୍ ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ କୁଳପତି ପ୍ରଫେସର ଦୀପକ କୁମାର ବେହେରା ବିଶ୍ୱବିଦ୍ୟାଳୟର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣପଦକ, କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ୩୦୨ ସ୍ନାତକୋତ୍ତର, ଏମ୍‌ଫିଲ୍, ପିଏଚ୍‌ଡି ଡିଗ୍ରୀରେ କୃତକାର୍ଯ୍ୟ ହୋଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର ଏନ୍ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସଫିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।




# ଶିଶୁପାଳଗଡ ଶାଖା ଡାକଘର କ'ଣ କେନ୍ଦ୍ର ସରକାରଙ୍କର ସାବତ ପୁଅ କି ?




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଏକାମ୍ର ନିର୍ବାଚନ ମଣ୍ଡଳୀର ଲିଙ୍ଗିପୁର ଗ୍ରାମପଂଚାୟତରେ ଥିବା ଶାଖା ଡାକଘର ବର୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। କୌଣସି ମୌଳିକ ସେବା ପାଇବାରୁ ଜନସାଧାରଣ ବଂଚିତ। ଡାକ ଟିକେଟ, ରେଭିନ୍ୟୁ ଷ୍ଟାମ୍ପ, ଏନ୍‌ଭଲପ୍ ପୋଷ୍ଟକାର୍ଡ, ଇତ୍ୟାଦି ଜମା ଉପଲବ୍ଧ ହେଉନାହିଁ। ଏହାକୁ ନେଇକରି ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଶିଶୁପାଳଗଡ ଏବଂ ଲିଙ୍ଗିପୁର ପଂଚାୟତର ୨୬ଟି ୱାର୍ଡର ଜନସାଧାରଣ ଡାକସେବାର କୌଣସି ସେବା ପାଇପାରୁନାହାଁନ୍ତି। ସ୍ପିଡ ପୋଷ୍ଟ ସେବା ଏହି ଶାଖା ଡାକଘରେ ଉପଲବ୍ଧ ଥିଲେ ମଧ୍ୟ ବିଡମ୍ବନାର ବିଷୟ ଇଂଟରନେଟ ସେବାର ଉପଲବ୍ଧି ରହୁନାହିଁ। ଯାହାଫଳରେ ନାହିଁନଥିବା ହଇରାଣ ହେଉଛନ୍ତି ଜନସାଧାରଣ। ଡାକବକ୍ସଟି ଭାଙ୍ଗି ଉପୁଡି ଯାଇଛି। ଯାହାଫଳରେ ୪ କିଲୋମିଟର ଦୂର ଓଲଡ୍ ଟାଉନ ପୋଷ୍ଟ ଅଫିସ ଉପରେ ନିର୍ଭର କରିବାକୁ ପଡୁଛି। ହାରାହାରି ଘଂଟେରୁ ଅତି ବେଶୀରେ ଦୁଇ ଘଂଟା ଖୋଲା ରହୁଛି ଶାଖା ଡାକଘର (୧୦-୧୨ପର୍ଯ୍ୟନ୍ତ ଖୋଲା ରହୁଛି)। କୌଣସି ଚିଠି ଆସିଲେ କମ ସେ କମ୍ ୮ରୁ ୧୦ଦିନ ଉର୍ଦ୍ଧ୍ୱ ଲାଗୁଛି କୌଣସି ଠିକଣାରେ ପହଂଚିବା ପାଇଁ। ୧୦୦୦୦ରୁ ଉର୍ଦ୍ଧ୍ୱ ଏହି ଦୁଇ ପଂଚାୟତର ଲୋକ ବାଧ୍ୟ ହୋଇ ୪ କିଲୋମିଟର ଦୂର ଯିବାକୁ ପଡୁଛି ଏବଂ ଗରିବ ଲୋକମାନେ ବହୁ ହଇରାଣ ହେଉଛନ୍ତି। ଏହି ଡାକଘରର ଉନ୍ନତି ନକରିବା ପାଇଁ କିଛି କୋରିଅର ସଂସ୍ଥା ହୀନ ଚକ୍ରାନ୍ତ କରୁଥିବା ଶୁଣିବାକୁ ମିଳୁଛି। ଡାକବକ୍ସଟି ବିଗତ ବହୁଦିନ ହେଲାଣି ଅକାମି ହୋଇ ପଡିରହିଛି। ଶାଖା ଡାକ ଘରେ ପାଣିର କୌଣସି ସୁବିଧା ନାହିଁ। ଯାହାଫଳରେ ବହୁ ଅସନ୍ତୋଷ ଦେଖାଯାଉଛି। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶାର ହୋଇଥିଲେ ମଧ୍ୟ ଦୀପତଳ ଅନ୍ଧାର ଭଳି ଲାଗୁଛି। ନା ଭିତିଭୂମି ଅଛି ନା ମୌଳିକ ସେବା ମିଳୁଛି। ସାଧାରଣ ଲୋକ ହନ୍ତସନ୍ତ ହେଉଛନ୍ତି। ଡାକଘର ଉପରେ ଲେଖାହୋଇଛି ୧୦ଟାରୁ ୨ଟା ଖୋଲା ରହୁଛି। କିନ୍ତୁ ସବୁଦିନ ୧ଟା ବେଳେ ବନ୍ଦ ହୋଇଯାଉଛି। ଯାହାଫଳରେ ଜରୁରୀ ଚିଠି ଡାକଟିକେଟ ପାଇବାରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି। ଶାଖା ଡାକଘରେ ଥିବା କର୍ମଚାରୀମାନେ ମନଇଚ୍ଛା ଅଫିସ ଖୋଲୁଛନ୍ତି, ନିଜ ଇଚ୍ଛା ଅନୁସାରେ ଆସୁଛନ୍ତି ଏବଂ ଅଫିସକୁ ବନ୍ଦ କରି ଦେଉଛନ୍ତି। ଅଫିସ ଭିତରକୁ ଜଣେ ଗଲେ ଦ୍ୱିତୀୟ ଲୋକ ପାଇଁ ଜାଗା ନାହିଁ। କେନ୍ଦ୍ରମନ୍ତ୍ରୀ ମହାଶୟ ତୁରନ୍ତ ହସ୍ତକ୍ଷେପ କରି ଏହି ଶାଖା ଡାକଘରର ଭିତିଭୂମି ଏବଂ ମୌଳିକ ସେବା ସହିତ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ ଏବଂ ନିଜେ ତଦାରଖ କରନ୍ତୁ ଯେପରି ଭାବେ କୌଣସି ଜନସାଧାରଣ ମୌଳିକ ସେବାରୁ ବଂଚିତ ନ ହୁଅନ୍ତି। କେନ୍ଦ୍ର ସରକାର ଅଧୀନସ୍ଥ ଡାକଘରେ ବିଭିନ୍ନ ଯୋଜନା ଥିଲେ ମଧ୍ୟ ପୋଷ୍ଟ ଅଫିସରେ କେମିତି କାର୍ଯ୍ୟକାରୀ ହେବ ତଥା ଆଧାର କାର୍ଡ ଭେରିଫିକେସନ୍, ଜମା ଖାତା, ଏନ୍‌ଏସି, ସୁକନ୍ୟା ଯୋଜନା ଏବଂ କେନ୍ଦ୍ର ସରକାରଙ୍କର ସବୁ ଜନକଲ୍ୟାଣକାରୀ ସୁବିଧା ମିଳିବା ପାଇଁ ମନ୍ତ୍ରୀ ମହୋଦୟ ନିର୍ଦ୍ଦେଶ ଦେଇ ଜନସାଧାରଣଙ୍କୁ ଏହି ସୁବିଧାର ତୁରନ୍ତ ଉପଲବ୍ଧ କରାନ୍ତୁ।

## ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ଓଡିଶା ବିଧାନସଭାର ଉଦ୍ୟମ ଫଳରେ ଦୀର୍ଘ ୧୦୦ ବର୍ଷ ତଳର ବିବରଣୀ ବିହାର ବିଧାନସଭାରୁ ଅଣାଯାଇପାରିଥିବାରୁ ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସଚିବ ଦାଶରଥି ଶତପଥୀ, ଯୁଗ୍ମ ନିର୍ଦ୍ଦେଶକ ଶିବପ୍ରସାଦ ପଟ୍ଟନାୟକ, ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ ଓ ସ୍ୱତନ୍ତ୍ର କାର୍ଯ୍ୟକାରୀ ଅଧିକାରୀ (ଗବେଷଣା) ଅମୂଲ୍ୟ କୁମାର ସ୍ୱାଇଁଙ୍କୁ ଉତ୍କଳ ସମ୍ମିଳନୀ କୃତଜ୍ଞତା ଜ୍ଞାପନ କରିବା ସହିତ ଅଭିନନ୍ଦନ ଜଣାଇଛି। ଆମ ପାଖରେ ଆମ ରାଜ୍ୟର ୧୯୨୨ ମସିହାରୁ ୧୯୩୬ ମସିହା ପର୍ଯ୍ୟନ୍ତ ତଥ୍ୟ ନଥିଲା। ଏହି ତଥ୍ୟ ମିଳିବା ପରେ ଓଡିଶାର ଇତିହାସ ଲେଖାରେ ସହାୟକ ହେବ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ଏହି ତଥ୍ୟକୁ ଆଧାର କରି ଏକ ତଥ୍ୟଭିତିକ ପୁସ୍ତକ ରଚନା କରିବା ପାଇଁ ଶ୍ରୀ ଦାଶଶର୍ମା ମଧ୍ୟ ମାନ୍ୟବର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି।

## ଛାତ୍ର କଂଗ୍ରେସ ପକ୍ଷରୁ ଜିଲ୍ଲାପାଳ ମାନଙ୍କୁ ଦିଆଯିବ 'ନିଯୁକ୍ତି କ୍ରାନ୍ତି'ର ଦାବି ପତ୍ର

ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ସମସ୍ତ ଜିଲ୍ଲାପାଳ ମାନଙ୍କୁ ଛାତ୍ର କଂଗ୍ରେସ ପକ୍ଷରୁ ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ। ସଂପୃକ୍ତ ଜିଲ୍ଲାର ଛାତ୍ର କଂଗ୍ରେସ ସଭାପତି ଓ କର୍ମକର୍ତା ଏବଂ କର୍ମୀମାନେ ଏହି ଦାବିପତ୍ର ଦେବେ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ଷକୁ ୨ଲକ୍ଷ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଲେ, ସେହି ଅନୁସାରେ ୨୪ ବର୍ଷରେ ୪୮ ଲକ୍ଷ ନିଯୁକ୍ତ ଦେବା କଥା। ମାତ୍ର ରାଜ୍ୟ ସରକାରଙ୍କର ଏବେ ୨ଲକ୍ଷ ୨୬ ହଜାର ପଦବୀ ଖାଲିପଡ଼ିଛି। ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ୯ଲକ୍ଷ ବେକାର ଯୁବକ ଯୁବତୀ ନାମ ପିକରଣ କରି ଚାକିରୀ ପାଇଁ ଚାହିଁ ବସିଛନ୍ତି। ନବୀନ ସରକାର ରାଜ୍ୟ ରାଜକୋଷରୁ ୪୫୦ କୋଟି ଟଙ୍କା ଖର୍ଚ୍ଚ କରି ଯେଉଁ ବିଜୁ ଯୁବବାହିନୀ ଗଠନ କରିଥିଲେ ତାହା କେବଳ ତାଙ୍କ ଦଳର କର୍ମୀ ପୋଷଣ ପାଇଁ ଉଦ୍ଦିଷ୍ଟ ଥିଲା। ୨୦୧୩ ମସିହାରେ ନବୀନ ସରକାର ଯେଉଁ ଯୁବନୀତି ପ୍ରଣୟନ କଲେ ସେଥିରେ ଯୁବକ ଯୁବତୀ ମାନଙ୍କର ନିଯୁକ୍ତି ସମ୍ପର୍କରେ ଗୋଟିଏ ଶବ୍ଦବି ନଥିଲା। ଷ୍ଟାଫସିଲେକସନ କମିଶନ ଠାରୁ ଆରମ୍ଭ କରି ଯେଉଁ ସରକାରୀ ସଂସ୍ଥା ମାଧ୍ୟମରେ ସରକାରୀ ଚାକିରୀ ପାଇଁ ପରୀକ୍ଷା କରାଯାଉଛି ତାହା ଦୁର୍ନୀତିରେ ବୁଡ଼ି ରହିଛି। ପରୀକ୍ଷା ପୂର୍ବରୁ ନବୀନ ସରକାର ଚାକିରୀ ବିକି ଦେଉଛନ୍ତି ବୋଲି ଛାତ୍ରଛାତ୍ରୀମାନେ ଅଭିଯୋଗ କରୁଛନ୍ତି। ନିକଟରେ ଓଡ଼ିଶା ଷ୍ଟାଫ ସିଲେକସନ କମିଶନର ଜଣେ କିରାଣୀ ଠାରୁ କୋଟି କୋଟି ଟଙ୍କା ଜବତ ହେବା ଘଟଣା ଜଣାପଡ଼ିଲା ପରେ ସରକାର ଏ ସମସ୍ତ ଦୁର୍ନୀତିକୁ ଚପେଇ ଦେଉଛନ୍ତି ବୋଲି ପରୀକ୍ଷାର୍ଥୀମାନେ ଅଭିଯୋଗ କରୁଛନ୍ତି।

## ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ କବି ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଲାପଥର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ହଳଧର ଧୀରଙ୍କ ଆବାହକତ୍ୱରେ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି କବି ଭାବେ ବରିଷ୍ଠ ପ୍ରକାଶକ ତଥା କବି ଯୋଗେନ୍ଦ୍ର କୁମାର ନାୟକ, କବି ଭୂବନ ମୋହନ ମହାନ୍ତି, ତରୁଣବାଳା ମହାପାତ୍ର, ଗୀତାଞ୍ଜଳୀ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମନୋଜ୍ଞ କବିତା ପାଠୋତ୍ସବରେ କବି ମଧୁସ୍ମିତା ସାହୁ, ସୁଷମା ଲେଙ୍କା, ସୌଦାମିନୀ ସାମନ୍ତରାୟ, ସହିଂସ୍ତା ମହାନ୍ତି, ତରୁଣବାଳା ମହାପାତ୍ର, ମନୋରମା ମିଶ୍ର, ଦୀପାଳୀ ଦେବସ୍ମିତା, ପୁର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କବି ପ୍ରତ୍ୟୁଷ କୁମାର ଭଞ୍ଜ, ରଜନୀକାନ୍ତ ପଟ୍ଟନାୟକ, ମନୋଜ କୁମାର ଜେନା, କସ୍ତୁରୀ ଚରଣ ନାୟକ, ବିଜୟ କୁମାର ବହଳି, ଇଂ ଲଡୁକିଶୋର ପଢିଆରି, ମାନଗୋବିନ୍ଦ ବାରିକ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ଶତାଧିକ କବି ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ।

# ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ଅନେକ କିଛି କରିଛି

ରାଉରକେଲା (ପିଏନ୍): ଆଦିବାସୀଙ୍କ ଉନ୍ନତି ପାଇଁ କଂଗ୍ରେସ ସରକାର ସମୟରେ ଅନେକ କିଛି ପଦକ୍ଷେପ ଗ୍ରହଣ କରାଯାଇଛି। ଶିକ୍ଷା, ନିଯୁକ୍ତି, ରାଜନୀତି ଇତ୍ୟାଦି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାର ସୁଯୋଗ ସୃଷ୍ଟି କରାଯାଇଛି। ତେଣୁ ଆଜି ରାଜ୍ୟରେ ବିଜେଡିର ୨୨ ବର୍ଷର ଶାସନ ଓ କେନ୍ଦ୍ରରେ ବିଜେପିର ୮ ବର୍ଷର ଶାସନ ପରେ ବି ଆଦିବାସୀ ସମ୍ପ୍ରଦାୟର କଂଗ୍ରେସ ପ୍ରତି ସମର୍ଥନ ଓ ପ୍ରତିଷ୍ଠା ଜାରି ରହିଛି ବୋଲି ଆଦିବାସୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଭୂଜବଳ ମାଝି ରାଉରକେଲା ଠାରେ ପ୍ରକାଶ କରିଛନ୍ତି। ଶ୍ରୀ ମାଝି ତାଙ୍କ ରାଉରକେଲା ଗସ୍ତ ଅବସରରେ କଂଗ୍ରେସ ଭବନଠାରେ ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗ ତରଫରୁ ଅନୁଷ୍ଠିତ ସଭାରେ ସଙ୍ଗଠନର ସଦସ୍ୟମାନଙ୍କୁ ସମ୍ବୋଧିତ କରି ନିଷ୍ଠାର ସହିତ ଅଧିକ ବ୍ୟାପକ ଭାବେ ସାଧାରଣ ଆଦିବାସୀଙ୍କ ସହିତ ସମ୍ପର୍କକୁ ମଜବୁତ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଆଦିବାସୀଙ୍କ ସ୍ୱାର୍ଥବିରୋଧୀ ବର୍ତ୍ତମାନର ବିଜେଡି ଓ ବିଜେପି ସରକାର ଆଦିବାସୀଙ୍କୁ ବିଭ୍ରାନ୍ତ କରି କଂଗ୍ରେସଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ମାଝି ପ୍ରକାଶ କରି ସମସ୍ତ କର୍ମକର୍ତ୍ତା ଏଥିପ୍ରତି ସଚେତନ ରହିବାକୁ କହିଥିଲେ। ଖୁବ୍‌ଶୀଘ୍ର ଜିଲ୍ଲା କଂଗ୍ରେସର ଆଦିବାସୀ ବିଭାଗକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ମାଝି ପ୍ରକାଶ କରି ଦକ୍ଷ ଓ କର୍ମଠ କର୍ମୀମାନଙ୍କୁ ପୁନର୍ଗଠିତ କମିଟିରେ ସ୍ଥାନ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସଭାପତି ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁଶୀଲ କିଣ୍ଡୋ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଆଦିବାସୀ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାଜେଶ ଟପ୍ପୋ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଫିଲିସିତା ଚେରୁଆ, ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁନୀତା ଲାକ୍ରା, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସୁନ୍ଦରଗଡ ଜିଲ୍ଲାକୁ ପୁନଶ୍ଚ କଂଗ୍ରେସର ଗଡରେ ପରିଣତ କରିବା ପାଇଁ ଆହ୍ୱାନ ଦେଇ ଏହା ଜିଲ୍ଲାର ଆଦିବାସୀ ଭାଇ ଓ ଭଉଣୀମାନେ ଚାହିଁଲେ ନିଶ୍ଚିତ ହୋଇପାରିବ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲା କଂଗ୍ରେସ ଆଦିବାସୀ ବିଭାଗ ତରଫରୁ ଶ୍ରୀ ମାଝିଙ୍କୁ ଆଦିବାସୀ ପରମ୍ପରା ଅନୁଯାୟୀ ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଝୁନୁ ପଟ୍ଟନାୟକ ଓ ରୁକସାନା ବେଗମ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ଉମେଶ ଶରଣ ଧନ୍ୟବାଦ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ପ୍ରଧାନ, ଅନୁପ ଖେଡିଆ, ଲୋକନାଥ ଭୂମିଜ, ଇଂ. ଶିବୁ ଓରାମ, ଧନଂଜୟ ମୁଣ୍ଡା, ମୁଖପାତ୍ର କୈଳାସ ସାହୁ, ଦିଲ୍ଲୀପ ଜେନା, ନିର୍ମଳା ସେକ୍, ଅଜୟ ଖାଲକୋ, ଅମୀତ ତିର୍କୀ, ସେବାଦଳର ବୁଲୁ ଦାସ, ରେହେମାନ ଖାନ, ବିଶ୍ୱଜିତ ସାହୁ, ରାଜୁ ପ୍ରସାଦ, ସେକ୍ ସମୀର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

## ଜିଲ୍ଲାସ୍ତରୀୟ କ୍ରୀଡା ଦିବସ ପାଳିତ

ଖୋର୍ଦ୍ଧା (ପିଏନ)-ଜାତୀୟ କ୍ରୀଡା ଦିବସ ଅବସରରେ ହକି ଖେଳର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ଏହି ଦିବସଟିକୁ ପାଳନ କରାଯାଇଛି। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇଥିବା ବେଳେ ପ୍ରାରମ୍ଭରେ ଏକ ସଭା ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କ୍ରୀଡା ହେଉଛି ଜୀବନରେ ନିହାତି ଆବଶ୍ୟକତା ରହିଥିବା ବେଳେ ଚିତ ବିନୋଦନ ସହ ସୁସ୍ଥ ଜୀବନଯାପନ ନିମନ୍ତେ ଏକ ମହୌଷଧି ଭଳି କାର୍ଯ୍ୟ କରିଥାଏ। ଲକ୍ଷ୍ୟ ହାସଲ ହେଉଛି ହେଉଛି କ୍ରୀଡାର ମୌଳିକତା ଓ ଏହାକୁ ପାଥେୟ କରି ଜୀବନରେ ଅନେକ ଶିକ୍ଷଣୀୟ କଥା ଅନୁଭବ କରାଯାଇପାରେ। ଅନେକ ଭଲ ଛାତ୍ର ପାଠପଢା ବ୍ୟତୀତ କ୍ରୀଡାରେ ନିଜର କ୍ୟାରିୟର ଗଠନ କରିବାକୁ ଆଗ୍ରହୀ ହେବା ଅନେକ ଉଜ୍ଜ୍ୱଳ ଉଦାହରଣ ରହିଛି। ସେହିଭଳି କ୍ରୀଡା କ୍ଷେତ୍ରରେ ଉଭୟ ପୁରୁଷ ଓ ମହିଳାଙ୍କ ସମେତ ଦିବ୍ୟାଙ୍ଗ ମାନଙ୍କ ପାଇଁ ସମାନ ସୁଯୋଗ ରହିଛି। ପୂର୍ବାପେକ୍ଷା ବିଭିନ୍ନ କ୍ରୀଡାର ପରିସର ବ୍ୟାପକ ହେଉଥିବା ଦୃଷ୍ଟିରୁ ପେଶାଦାର ମାନଙ୍କ ପାଇଁ ମଧ୍ୟ ସମ୍ମାନର ସହ ରୋଜଗାର ଦେବାର ଏକ ମାଧ୍ୟମ ପାଲଟିଛି। ବିଦ୍ୟାଳୟ ସ୍ତରରୁ କ୍ରୀଡା ଭିତିଭୂମିସୁଦୃଢ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାକୁ ଉପଯୋଗ କରି ଜଣେ ସଫଳ କ୍ରୀଡାବିତ ହୋଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା,ବ୍ଲକ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ,ଜିଲ୍ଲା ଶାରିରୀକ କ୍ରୀଡା ନିରୀକ୍ଷକ ପଠାଣି ଆଗ୍ରାସିଂହ ଓ କ୍ରୀଡା ସମୀକ୍ଷକ ଆଶିଷ ରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଆରୁହାରେ ବେଆଇନ କଳାପଥର ଖାଦାନ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତୋଳନ କରିଥିବା ପ୍ରଭାକର ଜେନାଙ୍କ ଉପରେ ଲାଗୁ ହୋଇଥିବା ଜୋରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନିତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ଏହାର ଶୁଣାଣୀ କରି ଯାଜପୁର ଜିଲ୍ଲାପାଳ ଓ ତହସିଲଦାରଙ୍କୁ ସେପଟେମ୍ବର ୨୭ ତାରିଖ ମଧ୍ୟରେ ହାଜିର ହୋଇ ଏହାର ଉତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ ଆରୁହା କଳପଥର ପାହାଡର ଖାତା ନଂ ୭୭୯ ଓ ପ୍ଲଟ ନଂ ୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ନାମକ ବ୍ୟକ୍ତି ବେଆଇନ ଭାବେ ପଥର ଉତୋଳନ କରି ଅନ୍ୟତ୍ର ଚାଲାଣ କରିବା ସହ ସେଠାରେ ଥିବା ତାଙ୍କର କ୍ରସରରେ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ ଅଂଚଳର ମନୋରଞ୍ଜନ ଜେନା ଫେବୃଆରୀ ୨୦୧୯ ମସିହାରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ଧର୍ମଶାଳା ତତକାଳିନ ତହସିଲଦାର ଏହାର ତଦନ୍ତ କରିବାକୁ ସ୍ଥାନୀୟ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତୋଳନ ହୋଇଥିବା ନେଇ ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଏହାକୁ ଭିତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପ୍ରଭାକର ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ତାଙ୍କ କ୍ରସରକୁ ସିଲ୍ କରିଥିଲା। ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତୋଳନ ହୋଇଛି ତାହାର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଅଂଚଳର ଆରଆଇ ଏବଂ ପୁଲିସ ମିଳିତ ଭାବେ ସେଠାରେ ତଦନ୍ତ କରି ୨ଲକ୍ଷ ସିଏମ କଳାପଥର ଚାଲାଣ ହୋଇଥିବା ମାପଚୁପରେ ଜଣାପଡିଥିଲା। ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷ ଟଙ୍କା ଆକଳନ କରାଯାଇଥିଲା। ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପକ୍ଷରୁ ସମ୍ପୃକ୍ତ ମାଫିଆଙ୍କଠାରୁ ଜୋରିମାନା ଆଦାୟ କରିବାରେ ବିଫଳ ହେବା ନେଇ ଅଭିଯୋଗକାରୀ ମନୋରଂଜନ ଜେନା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ୨୨୬/୨୨ରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାର ବିଚାର କରି ଯାଜପୁର ଜିଲ୍ଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ଆସନ୍ତା ୨୭ ସେପ୍ଟେମ୍ବର ମଧ୍ୟରେ ହାଜିର ହୋଇ ଘଟଣା ଉପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ତାହା ଲୋକାୟୁକ୍ତଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ଲୁଟ ହୋଇଥିବା କଳାପଥରର ଆକଳନ କରାଯାଇଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକର ଜେନାଙ୍କ ଠାରୁ ଜରିମାନା ଆଦାୟ ହେବ।

## ଡେକୋରେଟର ସୌମେନ୍ଦୁ ମହାପାତ୍ରଙ୍କ ସ୍ମୃତି ସଭା

ପାରାଦୀପ (ପିଏନ୍)- ପାରାଦୀପର ମହାପାତ୍ର ଡେକୋରେଟର ପ୍ରତିଷ୍ଠାତା ସୌମେନ୍ଦୁ ମହାପାତ୍ର (ପୁପୁ)ଙ୍କ ଅକାଳ ବିୟୋଗରେ ଏକ ସ୍ମୃତି ସଭା ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ପାରାଦୀପ ଡେକୋରେଟର ସଂଘ ପକ୍ଷରୁ ପାରାଦୀପ ବଡପଡିଆସ୍ଥିତ ଶାରଳା ମନ୍ଦିର ପରିସରରେ ଏହି ସ୍ମୃତିଚାରଣ ଆୟୋଜିତ ହୋଇଥିଲା। ପାରାଦୀପରେ ଦୀର୍ଘ ତିନି ଦଶନ୍ଧି ଧରି ଡେକୋରେଟର ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ପୁପୁ ମହପାତ୍ର ଭାବେ ସେ ସମସ୍ତ ପାରାଦୀପବାସୀଙ୍କ ନିକଟରେ ପରିଚିତ ଥିଲେ। ପାରାଦୀପ ବନ୍ଦରାଂଚଳ ସମେତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କରେ ସେ ଦକ୍ଷତାର ସହିତ ଡେକୋରେଟର ଭାବେ ସବୁବର୍ଗର ଲୋକମାନଙ୍କ ପାଖରେ ପ୍ରିୟପତ୍ର ଥିଲେ। ତାଙ୍କର ଏହି ଅକାଳ ବିୟୋଗ ପାରାଦୀପର ସବୁବର୍ଗର ଲୋକମାନଙ୍କ ମନରେ ଗଭୀର ଶୋକର ଛାୟା ଖେଳାଇ ଦେଇଥିଲା। ରବିବାର ଦିନ ତାଙ୍କ ବିୟୋଗରେ ଆୟୋଜିତ ସ୍ମୃତି ସଭାରେ ଅରୁଣ କୁମାର ଲେଙ୍କା, ମନୋଜ କୁମାର ସ୍ୱାଇଁ, କୈଳାସ ମଲ୍ଲିକ, ସୁବାସ ରାଉତ, ଶୁକଦେବ ରଣା, ଶିବ ପ୍ରସାଦ ବାରିକ, ଚନ୍ଦନ କୁମାର ହାତୀ, ଚନ୍ଦନ କୁମାର ପାଣି, ପ୍ରଦୀପ କୁମାର ସ୍ୱାଇଁ, ଧର୍ମାନନ୍ଦ ମଲ୍ଲ, କାରୁଣ୍ୟ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ଧର୍ମଶାଳା ତହସିଲ ପକ୍ଷରୁ ପଟ୍ଟା ବଂଟନ

ଧର୍ମଶାଳା (ପିଏନ): ଧର୍ମଶାଳା ତହସିଲ କାର୍ଯ୍ୟାଳୟ ପକ୍ଷରୁ ୨୨ ଜଣ ଭୂମିହୀନଙ୍କୁ ପଟ୍ଟା ବଂଟନ କରାଯାଇଛି। ଧର୍ମଶାଳାସ୍ଥିତ କାର୍ଯ୍ୟାଳୟ ପରିସରରେ ତହସିଲଦାର ସ୍ୱାଗତ ଦାସଙ୍କ ଅଧ୍ୟକ୍ଷତାରେ ଅୟୋଜିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନାକପୋଲ ସର୍କଲର ୧୨ ଜଣ, ବାଙ୍କସାହି ସର୍କଲର ୮ ଜଣ, ବଡକାଏମା ଓ ଶ୍ରୀନଗରର ଜଣେ ଲେଖାଏଁ ଭୂମିହୀନଙ୍କୁ ପଟ୍ଟା ବଂଟନ କରିଥିଲେ। ସମ୍ପୃକ୍ତ ସର୍କଲର ଆରଆଇ ଉପସ୍ଥିତ ହିତାଧିକାରୀ ଚିହ୍ନଟରେ ସହଯୋଗ କରିଥିଲେ। ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ସୂଚନା ପ୍ରଦାନ କରିଥିଲେ।

## ଡ. ଭାଗବତ ପ୍ରସାଦ ଦାସଙ୍କ "ସାନ୍ତାଳୀ ଲୋକକଥା" ଲୋକାର୍ପିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣାର ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ଦଶମ ପୁସ୍ତକ 'ସାନ୍ତାଳୀ ଲୋକକଥା' ମହାବୀର ଆବାସିକ ଉଚ୍ଚ ବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମୋନାଲିସା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ହରେକୃଷ୍ଣ ଗିରି, ଆଲୋଚକ କବି ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ନୟନ କୁମାର ପଣ୍ଡା, ରାଧା ଗୋବିନ୍ଦ ମାହାର୍ଣ୍ଣା, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଡ. ଦାସଙ୍କ ସାରସ୍ୱତ କୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ସମୀକ୍ଷକ ଶ୍ରୀଯୁକ୍ତ ସାହୁ ପୁସ୍ତକଟି ସମୀକ୍ଷା ସାନ୍ତାଳୀ ଜୀବନଚର୍ଯ୍ୟା, ସେମାନଙ୍କ ପର୍ବ ପର୍ବାଣୀ, ଭାଷା, ଲୋକ ଗୀତ, ଢ଼ଗ ଢ଼ମାଳୀ ତଥା ସାନ୍ତାଳୀ ଲୋକକଥା ସହଜ, ସରଳ ଓ ବୋଧଗମ୍ୟ ଭାଷାରେ ଏଥିରେ ସନ୍ନିବେଶିତ ବୋଲି ମତ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲା ବେଳେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଙ୍ଗଳାଷ୍ଟକ ପାଠ କରିଥିଲେ। ଲେଖକ ଡ. ଦାସ ଲେଖକୀୟ ଅଭିମତ ପ୍ରକାଶ କରିଥିଲା ବେଳେ ଶିକ୍ଷକ ରାଧାରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବରୁଣ କୁମାର ନାୟକ, ସତ୍ୟବ୍ରତ ବାଗ୍, ଶିକ୍ଷୟତ୍ରୀ ମୌସୁମୀ ବାରିକ, ଶୁଭସ୍ମିତା ପତି, ପୂର୍ଣ୍ଣିମା ପ୍ରଧାନ, ରଞ୍ଜିତା ସାନ୍ତରା, ମଧୁସ୍ମିତା ମହାଳିକ, ଲକି ବେହେରା, ଅର୍ପିତା ରାଉତ, ସ୍ୱପ୍ନା ମହାପାତ୍ର, ବାସନ୍ତୀ ପରିଡ଼ା, ସରୋଜ ପତି ପ୍ରମୁଖ ଉପସ୍ଥିତ ଥିଲେ।


**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଇତିହାସ ବିଭାଗ ପକ୍ଷରୁ ପ୍ରଥମ ବର୍ଷ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ନୂଆପଡ଼ା : ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷ ରୁ ପ୍ରଥମ ବର୍ଷ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଲେଜ ଅଧ୍ୟକ୍ଷ ଡ଼ ତରୁଣ କୁମାର ପ୍ରଧାନ ଯୋଗ ଦେଇ ଛାତ୍ର ଜୀବନ ଏକ ମହତ୍ତ୍ୱପୂର୍ଣ୍ଣ ସମୟ ଅଟେ, ଏହାର ସଦ ବିନିଯୋଗ କରି ଉତ୍ତମ ନାଗରିକ ଗଢି ତୋଳିବା ନିଜ ହାତ ରେ ବୋଲି ମତବ୍ୟକ୍ତ କରିଥିଲେ।ଇତିହାସ ବିଭାଗ,ମୁଖ୍ୟ ଅଧ୍ୟାପକ ଡ଼ା. ମହମ୍ମଦ ୟାମିନ ସଭା ପରିଚ଼ାଳନା କରିଥିଲେ। ପ୍ରତ୍ନତତ୍ତ୍ୱ ବିଭାଗ ଅଧ୍ୟାପକ ଡ଼ା.ରଣବିର ସିଂହ, ଇତିହାସ ବିଭାଗ ଅଧ୍ୟାପକ ଶ୍ରୀ ରାଜକୁମାର ରତେ, ଓ +୨ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ମଞ୍ଚାସିନ ଥିଲେ।

## ଭଦ୍ରକ ସାଂସଦଙ୍କ କରକମଳରେ କଲ୍ୟାଣ ମଣ୍ଡପ ଓ ଶ୍ରେଣୀ ଗୃହର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ

ଧାମନଗର ,(ପି.ଏନ): ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ଜୋନ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତ ସ୍ତରରେ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଭଦ୍ରକ ସାଂସଦଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି । ଏହି ଅବସରରେ ମୁସ୍ତାଫାପୁର ପଞ୍ଚାୟତ ଅଧୀନସ୍ଥ ଘୋଡ଼ାଗଣ୍ଡ ନାଳ ଠାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ସାଂସଦ ଶ୍ରୀ ମତୀ ମଞ୍ଜୁଲତା ମଣ୍ଡଳଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ସେହିପରି ଦୋବଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହର ଶିଳାନ୍ୟାସ କରାଯାଇ ଥିଲା ସାଂସଦ ମଞ୍ଜୁଲତା ମଣ୍ଡଳ ଶିଳାନ୍ୟାସ କରିଥିଲେ।

# ସୋସିଆଲ ମିଡ଼ିଆ, ଫେସବୁକ ଓ ଇନଷ୍ଟଗ୍ରାମ ବ୍ୟବହାର ପାଇଁ ରାୟଗଡ ଜିଲ୍ଲାକୁ ତୃତୀୟ ପୁରସ୍କାର

ରାୟଗଡ,(ପି.ଏନ)ସାମାଜିକ ଗଣମାଧ୍ୟମର ବିଭିନ୍ନ ପ୍ଲାଟଫର୍ମ ଯଥା ଫେସବୁକ, ଇନ୍‌ଷ୍ଟଗ୍ରାମ ଓ ଟ୍ୱିଟରରେ ବ୍ୟବହାର ଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନା ତଥା କାର୍ଯ୍ୟକ୍ରମ ବହୁଳ ପ୍ରଚାର ପ୍ରସାର ଏବଂ ଲୋକାଭିମୁଖୀ ହେବାର ପ୍ରୟାସ ନିମନ୍ତେ ଜିଲ୍ଲାପରିଷଦର ସମସ୍ତ ସମସ୍ତ ୩୦ଗୋଟି ଜିଲ୍ଲାପରିଷଦରୁ ରାୟଗଡ ଜିଲ୍ଲାକୁ ରାଜ୍ୟ ସରକାର ତୃତୀୟ ପୁରସ୍କାର ପ୍ରଦାନ କରିଛନ୍ତି କ୍ଷ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ପୁରସ୍କାରକୁ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଜିଲ୍ଲାପରିଷଦ, ନିହାର ରଞ୍ଜନ କହଁର ଗ୍ରହଣ କରିଥିଲେ କ୍ଷ ଏହା ସହିତ ଅନୁରୂପ ଭାବରେ ରାଜ୍ୟର ୧୦ଗୋଟି ବ୍ଲକ ମଧ୍ୟରୁ ରାୟଗଡ ଜିଲ୍ଲାର ମୁନିଗୁଡା ଓ ଗୁଣୁପୁର ବ୍ଲକକୁ ପୁରସ୍କୃତ କରାଯାଇଛି । ଗତ ୧୮/୧୧/୨୦୨୩ ରେ ସିଡିଓ ଓ ବିଡ଼ିଓ ମାନଙ୍କ ରାଜ୍ୟ ସମ୍ମିଳନୀରେ ପୁରସ୍କୃତ କରାଯାଇଥିଲା ।

## ଦୁଇଦିନିଆ ଅସ୍ତରଙ୍ଗ ବେଳାଭୂମି ମହୋତ୍ସବ ଉଦଘାଟିତ

ଅସ୍ତରଙ୍ଗ,(ପି.ଏନ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧିନ ପିର ଯାହାନିଆଁ ବେଳାଭୂମି ରେ ନଭେମ୍ବର,ସତେଇସ ଓ ଅଠାଇସ ତାରିଖ ଦୁଇ ଦିନ ଧରି, ହେବାକୁ ଯାଉଥିବା ମହୋତ୍ସବ ର, ପ୍ରଥମ ଦିବସରେ ବୋଇତ ବନ୍ଦାଣ ସହିତ ଉଦ୍ଘାଟିତ ହୋଇ ଯାଇ ଅଛି ଅସ୍ତରଙ୍ଗ, ବେଳାଭୂମି ମହୋତ୍ସବ୨୦୨୩ ।ଏହି ଉତ୍ସବ ର ପ୍ରଥମ ଦିବସରେ,ବାସନ୍ତୀ ହେମ୍ବ୍ରମ, ମହିଳା ଓ ଶିଶୁ ବିକାଶ ବିଭାଗ,ଓ ଦିଲ୍ଲିପ ରାଉତରାୟ, ନିର୍ଦ୍ଦେଶକ,ସଂସ୍କୃତି ବିଭାଗ ,କ୍ରୀଡା ଓ ଯୁବ ବ୍ୟାପାର ,ଘରୋଇ ମନ୍ତ୍ରୀ ତୁଷାରକାନ୍ତି ବେହେରା,ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷସ୍ୱାଧୀନ କୁମାର ନାୟକ ପ୍ରମୁଖ ,ଅତିଥି ରୂପେ ଯୋଗଦେଇ ଥିଲେ ।

# ରାୟଗଡ଼ ଜିଲ୍ଲା ରେ ସ୍ୱାସ୍ଥ୍ୟସେବା ଡ୍ରୋନ୍ ବିତରଣ ନେଟୱାର୍କ ସୁବିଧାର ଶୁଭାରମ୍ଭ



ରାୟଗଡ଼,(ପି.ଏନ): ରାୟଗଡ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କୁ ଅଧିକ ବିସ୍ତାରିତ କରିବା ପାଇଁ ଟଝଇଓଡ ସମର୍ଥିତ SAMRIDH ଏବଂ ଓଚର ଗ୍ଲୋବାଲ ଦ୍ୱାରା କାର୍ଯ୍ୟକାରୀ ସଂସ୍ଥା REDWINଏ ଭଳି ଅଗ୍ରଣୀ ଷ୍ଟାର୍ଟଅପ୍ ଅନୁଷ୍ଠାନ ସହଯୋଗରେ ଆଜି ବାରିଝୋଲା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଙ୍କ କାର୍ଯ୍ୟାଳୟ ପରିସରରେ ସ୍ୱାସ୍ଥ୍ୟସେବା ଡ୍ରୋନ୍ ବିତରଣ ନେଟୱାର୍କ ର ଶୁଭାରମ୍ଭ ହୋଇଯାଇଛି । ମାନ୍ୟବର କ୍ୟାବିନେଟ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସରକା ଙ୍କ କରକମଳ ରେ ଏହି ପ୍ରକଳ୍ପ ର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମାନ୍ୟବର ବିଧାୟକ, ରାୟଗଡ଼ ଶ୍ରୀ ମକରନ୍ଦ ମୁଦୁଲି , ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ର ଉପଦେଷ୍ଟା ଶ୍ରୀ ସୁଧୀର ଦାସ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ସରସ୍ୱତୀ ମାଝୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଅଧ୍ୟକ୍ଷା ଶ୍ରୀମତୀ ଅନୁସୟା ମାଝୀ, ଜିଲ୍ଲାପାଳ ଶ୍ରୀମତୀ ସ୍ୱଧା ଦେବ ସିଂ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଲାଲମୋହନ ରାଉତରାୟ ସମେତ ଜରଡଡଓଘଏ ର ମୁଖ୍ୟ କୁନ୍ଦନ ମେଡିରେଡି ଏବଂ ଟସ୍ୱବସୟ ର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ଶୁଭାରମ୍ଭ ପୂର୍ବକ ଆଜି ପ୍ରଥମେ ପ୍ରତିଷେଧକ ଟୀକା ଗୁଡରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପ୍ରେରଣ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ଏହି ସେବା ଗୁଡାରି ଓ କଲ୍ୟାଣସିଂପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଯୋଗାଇଦିଆଯିବ । ଗୋଟେ ଥରରେ ଏହା ମାଧ୍ୟମରେ ପ୍ରାୟ ୧.୫ କେଜି ଓଜନ ର ଔଷଧ ବା ସ୍ୱାସ୍ଥ୍ୟ ଉପକରଣ କୁ ଉପଯୁକ୍ତ ଶୀତଳ ଶୃଙ୍ଖଳ ମାଧ୍ୟମରେ ପରିବହନ କରାଯାଇପାରିବ ।ଏହି ପାଇଲଟ ପ୍ରକଳ୍ପ ମାଧ୍ୟମରେ ଇଲେକ୍ଟ୍ରିକ୍ ହାଇବ୍ରିଡ୍ ଡ୍ରୋନ୍ ବ୍ୟବହାର କରି ରାୟାଗଡା ଜିଲ୍ଲାର ବିଚ୍ଛିନ୍ନ ତଥା ଦୁର୍ଗମ ଅଞ୍ଚଳରେ ଔଷଧ ସହିତ ବିଭିନ୍ନ ଚିକିତ୍ସା ଉପକରଣକୁ ଆକାଶମାର୍ଗ ଜରିଆରେ ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ଜରୁରୀ ଓ ସ୍ୱଳ୍ପ ସମୟ ରେ ଯୋଗାଯାଇ ପାରିବ । ଆଦିବାସୀ ଅଧ୍ୟୁଷିତ ରାୟଗଡ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ । ଜିଲ୍ଲାର ୩,୨୩୪ ଟି ଗାଁ ମଧ୍ୟରୁ ପାଖାପାଖି ୮୦୦ ରୁ ଅଧିକ ଗାଁ ରେ ପହଞ୍ଚିବା କଷ୍ଟକର ହୋଇଥିବା ବେଳେ ପାଖାପାଖି ୧୬୦ ଟି ଗ୍ରାମ ବିଚ୍ଛିନାଞ୍ଚଳ ଭାବେ ରହିଛି । ଆକାଶମାର୍ଗ ଜରିଆରେ ଔଷଧ ଏବଂ ଚିକିତ୍ସା ଉପକରଣ ବିତରଣ ଦ୍ୱାରା ପ୍ରାଥମିକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଅତ୍ୟାବଶ୍ୟକ ନିଦାନ, ଔଷଧ ଏବଂ ଟୀକାକରଣର ଉନ୍ନତି ଆସିବା ସହିତ ଦ୍ୱାରା ଏହି ପଦକ୍ଷେପ ଯୋଗୁଁ ରୋଗର ପରୀକ୍ଷା, ନିରାକରଣ ଏବଂ ଚିକିତ୍ସାରେ ଉନ୍ନତି ଆସିପାରିବ ।ଡ୍ରୋନ୍ ପ୍ରକଳ୍ପ ଶୁଭାରମ୍ଭ ଅବସରରେ ଜିଲ୍ଲାପାଳ ଶ୍ରୀମତୀ ସ୍ୱଧାଦେବ ସିଂ କହିଥିଲେ ଯେ, ରାୟଗଡ଼ା ଜିଲ୍ଲା ର ଗୁଡ଼ାରୀ ଓ କଲ୍ୟାଣସିଂପୁର ଭଳି ବ୍ଲକରେ ଅନେକ ଦୁର୍ଗମ ଅଞ୍ଚଳ ରହିଛି। ଏହି ଅଞ୍ଚଳ ଗୁଡିକରେ ଶକ୍ତି ଓ ଭିତ୍ତିଭୂମି ହେଉଛି ଏକ ଆହ୍ୱାନ। ସ୍ୱାସ୍ଥ୍ୟ ସେବା କୁ ସୁଦୃଢ କରିବା କ୍ଷେତ୍ର ରେ ଡ୍ରୋନ୍ ଦ୍ୱାରା ସ୍ୱାସ୍ଥ୍ୟ ସେବା ବିତରଣ ଏକ ପରିବର୍ତ୍ତନ କାରି ପଦକ୍ଷେପ। ରୋଗୀମାନେ ଏବେ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିଲେ ମଧ ତାଙ୍କ ଆବଶ୍ୟକତା ଅନୁଯାୟୀ ଉତ୍କୃଷ୍ଟ ନିଦାନ ର ସୁବିଧା ପାଇପାରିବେ। ଆମେ ରାୟଗଡ଼ା ଜିଲ୍ଲା ର ଲୋକଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ପ୍ରତିବଧ ।ଏହି ଅବସର ରେ ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ କହିଥିଲେ ଯେ ଜରୁରୀକାଳୀନ ପରିସ୍ଥିତି ରେ ଦୁର୍ଗମ ଅଂଚ଼ଳରେ ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଏହା ବେଶ ସହାୟକ ହେବ । ଯାହାଦ୍ୱାରା ମହାମାରୀ ସମୟରେ ଅତ୍ୟାବଶ୍ୟକ ଔଷଧ ଓ ଚିକିତ୍ସା ଉପକରଣ ସହଜରେ ଏବଂ ସ୍ୱଳ୍ପ ସମୟରେ ପଠାଯାଇପାରିବ ।

# ରାଜ୍ୟ ସ୍ତରୀୟ ପର୍ଯ୍ୟଟନ ସାହିତ୍ୟ କର୍ମଶାଳା ଓ ପୁରସ୍କାର ବିତରଣ ସମାରୋହ ନିମନ୍ତେ ପ୍ରସ୍ତୁତି ବୈଠକ

କୋଣାର୍କ,(ପି.ଏନ): କୋଣାର୍କ ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ୪ର୍ଥ ବାର୍ଷିକ ରାଜ୍ୟସ୍ତରୀୟ ପର୍ଯ୍ୟଟନ ସାହିତ୍ୟ କର୍ମଶାଳା ଓ ପୁରସ୍କାର ବିତରଣ ସମାରୋହ – ୨୩ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସଂପାଦକ ତଥା ମୁଖ୍ୟ ପରିଚ଼ାଳନା ଟ୍ରଷ୍ଟି ଭାଗୀରଥୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସଂଗଠନର ଉପଦେଷ୍ଟା ମହେଶ୍ୱର ସାମଲ, ସଂଜୟ କୁମାର ବରାଳ, ବ୍ୟଙ୍ଗ କବି ସମ୍ପଦ କୁମାର ରଥ, ପ୍ରଶାନ୍ତ କୁମାର ଭୂୟାଁ, ମନମୋହନ ସ୍ୱାଇଁ ଓ ଶିବ ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଚ଼ଳିତ ବର୍ଷ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସହାୟତାରେ ୩୪ତମ କୋଣାର୍କ ଉତ୍ସବ ଅବସରରେ ଆସନ୍ତା ଡିସେମ୍ବର ମାସ ୩ ତାରିଖ ଅପରାହ୍ନ ସମୟରେ ରାଜ୍ୟ ସ୍ତରୀୟ ପର୍ଯ୍ୟଟନ ସାହିତ୍ୟ କର୍ମଶାଳା ଓ ପୁରସ୍କାର ବିତରଣ ସମାରୋହ କୋଣାର୍କ ସ୍ଥିତ ଆଶ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅବତାର ମିଶ୍ର, କାକଟପୁର ବ୍ଲକ ବିଡିଓ ଡଃ ତୁଷାର ଜ୍ୟୋତି ରଂଜନ, ବରିଷ୍ଠ ସାମାଜିକ କର୍ମୀ ତଥା ଶିକ୍ଷାବିତ ରାମକୃଷ୍ଣ ମହାନ୍ତିଙ୍କ ସମେତ ୫ଜଣ ପ୍ରତିଭାଧାରୀ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ ପ୍ରଫେସର ଅବତାର ମିଶ୍ର, କାକଟପୁର ବ୍ଲକ ବିଡିଓ ଡଃ ତୁଷାର ଜ୍ୟୋତି ରଂଜନ, ପ୍ରାକ୍ତନ ପ୍ରାଧ୍ୟାପିକା ତଥା ବିଶିଷ୍ଟ ଲେଖିକା କମଳ କୁମାରୀ ଦାଶ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, ବରିଷ୍ଠ ସାମାଜିକ କର୍ମୀ ତଥା ଶିକ୍ଷାବିତ ରାମକୃଷ୍ଣ ମହାନ୍ତି, ଶିକ୍ଷାବିତ ଶଶଧର ମହାନ୍ତି ଓ ବିଶିଷ୍ଟ ବ୍ୟଙ୍ଗ କବି ହାସ୍ୟ କୁମୁଦ ସମ୍ପଦ କୁମାର ରଥ ପ୍ରମୁଖ ଯୋଗଦାନ ନିମନ୍ତେ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୋଣାର୍କ ଅଞ୍ଚଳର ମହାବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ପର୍ଯ୍ୟଟନ ସାହିତ୍ୟ, ପର୍ଯ୍ୟଟନ ସ୍ଥଳୀ ଓ ଐତିହ୍ୟ ସମ୍ପର୍କରେ ସାଧାରଣ ଜ୍ଞାନ ପ୍ରତିଯୋଗିତା, ପ୍ରବନ୍ଧ ପ୍ରତିଯୋଗିତା ଓ ବକ୍ତୃତା ପ୍ରତିଯୋଗୀତା ମାନ ଅନୁଷ୍ଠିତ ହେବା ସହ ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର ଛାଟୋଇ ଧନ୍ୟବାଦ ଅର୍ପଣ କରିବା ସହ ଗାୟକ ଅତିବଡୀ ମଙ୍ଗରାଜ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ସଂପାଦକ ଭାଗୀରଥୀ ସ୍ୱାଇଁ ପ୍ରକାଶ କରିଛନ୍ତି ।

# ନାମ ସଂକୀର୍ତ୍ତନ ଓ ପ୍ରସାଦ ବଣ୍ଟନ ସେବାରେ ଆଦିତ୍ୟ ବାହିନୀ



ଯାଜପୁର,(ପି.ଏନ): ଦଶାଶ୍ୱମେଧ ଘାଟ ନିକଟସ୍ଥ ପ୍ରଭୁ ବରାହଜୀ ମନ୍ଦିର ପରିସରରେ ପୀଠ ପରିଷଦ ପୁରୀ ଅନ୍ତର୍ଗତ ବାବା ଅଭୟ ନୃସିଂହ ଶାଖା ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସଂକୀର୍ତ୍ତନ ଦଳ ମହାମନ୍ତ୍ର ନାମ ଜପି ଶ୍ରୀଜଗନ୍ନାଥ ମନ୍ଦିର, ସପ୍ତ ମାତୃକା, ସୂର୍ଯ୍ୟ ମନ୍ଦିର ପରିକ୍ରମଣ କରିଥିଲେ। ଶହ ଶହ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବା ବଣ୍ଟନ କାର୍ଯ୍ୟକ୍ରମ ଶୁଭମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ବାବା ଅଭୟନୃସିଂହ ଆଦିତ୍ୟବାହିନୀ ଶାଖାର ସଭାପତି ପ୍ରଦୀପ କୁମାର ବେହୁରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତି ଶୃଙ୍ଖଳାର ସହ ଏହି ପ୍ରସାଦ ସେବା ଭଳି ପୂଣ୍ୟ କାର୍ଯ୍ୟସଂପନ୍ନ ହୋଇଯାଇଛି । କାର୍ତ୍ତିକ ପୂର୍ଣ୍ଣମୀ ଧର୍ମୀୟ ଦିବସକୁ ନାମ ସଂକୀର୍ତ୍ତନ ଓ ପ୍ରସାଦ ବଣ୍ଟନ ସେବାରେ ଆଦିତ୍ୟ ବାହିନୀର ଓ ଆନନ୍ଦ ବାହିନୀର କାର୍ଯ୍ୟକୁ ସାଧାରଣରେ ମହତ୍‌କାର୍ଯ୍ୟ ବୋଲି ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଆନନ୍ଦବାହିନୀର ସେବା ସଚୀବ ଆଦିତ୍ୟ କୁମାର ପଣ୍ଡା, ସୂର୍ଯ୍ୟ କୁମାର ଧଳ, ମୀନକେତନ ସ୍ୱାଇଁ, ଜିତେନ୍ଦ୍ର ରାୟ, ଭରତ ଚନ୍ଦ୍ର ସାହୁ, ଭାସ୍କର ନାୟକ, ରାଜେଶ ସାମଲ, ଗୋପଗଡ୍ଡୁ, କାଳନ୍ଦୀ ଗଡ୍ଡୁ, ଟିକିନା ଗଡ୍ଡୁ, ଶ୍ରୀକାନ୍ତ ନାୟକ, ହିମାଂଶୁ ବେହୁରିଆ ଓ ଆନନ୍ଦବାହିନୀ ପକ୍ଷରୁ ସଦସ୍ୟା ସସ୍ମିତା ସାହୁ, ମାନସୀ ଗଡ୍ଡୁ, ଦୀପଶିଖା ଦାସ, ମଞ୍ଜୁଲତା ସାହୁ, ଲିଲିବାଳା ବେହୁରିଆ, ଇଚ୍ଛାମୟୀ ଧଳ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବର୍ତ୍ତା ସମ୍ପାଦକ ମିନକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସିନାପାଲି ଶିଶୁ ବିଦ୍ୟାମନ୍ଦିରର ୨୭ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ



ଭୁବନେଶ୍ୱର,(ପି.ଏନ): ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୭ତମ ବାର୍ଷିକ କ୍ରୀଡା ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ବିଦ୍ୟାଳୟ ପରିଚ଼ାଳନା କମିଟି ସଭାପତି ରବିଂଦ୍ରନାଥ ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଏବିଇଓ ପ୍ରଭାତ କୁମାର ପାତ୍ର ଓ ସମ୍ମାନିତ ଅତିଥି ଭାବରେ ସଂକୁଳ ପ୍ରମୁଖ ତୁଳସୀରାମ ମେହେର, ସିନାପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ଲଳିତ କୁମାର ସୁନାରୀ, କମିଟି ସଂପାଦକ ବାମଦେବ ଦାସ, କୋଷାଧ୍ୟକ୍ଷ ବୈଷ୍ଣବ ମେହେର, ଶାରୀରିକ ପ୍ରମୁଖ ରୋହିତାଶ୍ୱ ନାୟକ, ସହ ପ୍ରଧାନଆଚ଼ାର୍ଯ୍ୟ ସ୍ୱପ୍ନ କୁମାର କାଣ୍ଡ, ଆଚ଼ାର୍ଯ୍ୟ ପ୍ରତିନିଧି ହୃଦାନନ୍ଦ ମେହେର ମଂଚ଼ାସିନ ଥିଲେ । ପ୍ରଧାନଆଚ଼ାର୍ଯ୍ୟ ରମେଶ କୁମାର ହଂସ ଅତିଥି ପରିଚ଼ୟ ପ୍ରଦାନ ସହ କ୍ରୀଡାର ଉଦ୍ଦେଶ୍ୟ ଜଣାଇଥିଲେ । ଆଚ଼ାର୍ଯ୍ୟା ମିନାକ୍ଷୀ ପା? ମଂଚ଼ ସଂଚ଼ାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନନ୍ଦ କୁମାର ପାତ୍ର, ସଞ୍ଜୟ ବେହେରା, ଗୌତମ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ପ୍ରାୟ ୬୦୦ ଭାଇଭଉଣୀ ଭାଗ ନେଇଥିଲେ କ୍ଷ ସକାଳୁ ସ୍ଥାନୀୟ ହନୁମାନ ମନ୍ଦିରରୁ ମଶାଲ ଆଣି ପଡିଆରେ ସ୍ଥାପନ କରାଗଲା ପରେ ବିଧି ଅନୁଯାୟୀ ବାର୍ଷିକ କ୍ରୀଡାର ଶୁଭାରମ୍ଭ ହୋଇଥିଲା କ୍ଷ କ୍ରୀଡା ଆୟୋଜନରେ ବିଦ୍ୟାଳୟର ସମସ୍ତ ଆଚ଼ାର୍ଯ୍ୟ ଆଚ଼ାର୍ଯ୍ୟା, ସେବକ ସେବିକା ଓ ପରିଚ଼ାଳନା କମିଟି ସଦସ୍ୟ ସହଯୋଗ କରିଥିଲେ ।


MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Tuesday November 28, 2023 ଭୁବନେଶ୍ୱର ମଙ୍ଗଳବାର, ନଭେମ୍ବର ୨୮,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## କୁକୁଡାଖଣ୍ଡି ଗ୍ରାମରେ ଥିବା ଯୁଗଜ୍ୟୋତିରେ ନୂତନ କର୍ମକର୍ତ୍ତା ଚୟନ

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ): କୁକୁଡ଼ାଖଣ୍ଡି ଗ୍ରାମ ରେ ରହିଥିବା ଯୁଗଜ୍ୟୋତି ଯୁବ ସଂସଦ ପ୍ରାଙ୍ଗଣରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ରେ ବରିଷ୍ଠ ନାଗରିକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଦଳାଇ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା।ଏଥିରେ ପୁରୁଣା ପରିଚାଳନା ସମିତି ଭଙ୍ଗ କରାଯାଇ ।ନୂତନ ପରିଚାଳନା ସମିତି ଗଠନ କରାଗଲା। ଏହି ନୂତନ ପରିଚାଳନା ସମିତି ରେ ନୂତନ ସଭାପତି ଭାବେ ଡଃ ବି. ଶିବାଜୀ ପାତ୍ର , ଉପସଭାପତି ଭାବେ ଶ୍ରୀଯୁକ୍ତ ଅଦଲ ଚେନେୟା , ସମ୍ପାଦକ ଭାବେ ଆରସିଲୁ ରୋଶନ କୁମାର , ଯୁଗ୍ମ ସମ୍ପାଦକ ଶ୍ରୀ ଜିତେନ୍ଦ୍ର କୁମାର ମହାରଣା ଏବଂ କୋଷାଧକ୍ଷ ଭାବେ ଶ୍ରୀ ଦୀପକ କୁମାର ରାଉତ ମନୋନୀତ ହୋଇଛନ୍ତି ।ଉକ୍ତ ପରିଚାଳନା ସମିତି ରେ ଉପଦେଷ୍ଟା ଭାବେ ବରିଷ୍ଠ ଅଧିବକ୍ତା ଶ୍ରୀଯୁକ୍ତ ଡି .ଶଙ୍କର ରାଓ ଅଚାରୀ, ଅବସରପ୍ରାପ୍ତ କର୍ମଚାରୀ ସଂଘ ପ୍ରତିନିଧି ରୂପେ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଦଳାଇ, ଇଞ୍ଜିନିୟର ଶ୍ରୀଯୁକ୍ତ ଶ୍ରୀନିବାସ ରାଉଳ, କୁକୁଡ଼ାଖଣ୍ଡି ଗ୍ରାମ ର ସମାଜସେବୀ ଟୁକୁନା ସେଠି ଯୁବସମାଜ ସେବି ପ୍ରଦୀପ କୁମାର ବେହେରା ପ୍ରମୁଖ ଉପଦେଷ୍ଟା ସଭା ରେ ଯୋଗ ଦେଇଥିଲେ. ।ସଭା ଶେଷ ରେ ପୁରୁଣା କମିଟି ତରଫରୁ ନୂତନ କମିଟି ସଭ୍ୟ ମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନିତ କରାଗଲା.ସଭା ଶେଷରେ ଅଧିବକ୍ତା ଶ୍ରୀଯୁକ୍ତ ଡି. ଶଙ୍କର ରାଓ ଅଚାରୀ ଧନ୍ୟବାଦ ଅର୍ପଣ କରି ଥିଲେ ।



## ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦଘାଟିତ

ପାରାଦୀପ,(ପି.ଏନ): ପାରାଦୀପ ସମୁଦ୍ର ବେଳାଭୂମି ନିକଟସ୍ଥ ବିଜୁ ମଇଦାନ ବାଲିଯାତ୍ରା ପଡିଆରେ ଓଡ଼ିଶାର ଦ୍ୱିତୀୟ ପ୍ରସିଦ୍ଧ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ରବିବାର ସନ୍ଧ୍ୟାରେ ମହା ସମାରୋହରେ ଉଦଘାଟିତ ହୋଇଯାଇଛି କ୍ଷ ଏହି ଉଦଘାଟନୀ ସମାରୋହରେ ଓଡ଼ିଶାର ଶକ୍ତି,ଶିଳ୍ପ,ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ଯୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଓ ବକ୍ତା ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବେ କଳିଙ୍ଗ ବାଲିଯାତ୍ରା ମହୋତ୍ସବ କୁ ଉଦଘାଟନ କରି ଓଡିଶା ନୌବାଣିଜ୍ୟ ଓ ପରମ୍ପରା ଉପରେ ନିଜର ବକ୍ତବ୍ୟ ରଖିଥିଲେ କ୍ଷ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଅଧ୍ୟକ୍ଷା ଶ୍ରୀମତୀ ପାରୁଲ ପଟାୱାରୀ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଏରସମା-ବାଲିକୁଦା ବିଧାୟକ ରଘୁନନ୍ଦନ ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ଉତ୍ତରାଞ୍ଚଳ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ, ଜଗତସିଂହପୁର ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଆଇଓସିଏଲ ପାରାଦୀପ ତୈଳ ବଶୋଧନାଗାର ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ, ଇଫକୋ ପାରାଦୀପ ୟୁନିଟ ମୁଖ୍ୟ କେ.ଜେ. ପଟେଲ,ପିପିଏଲ ଅଧିକାରୀ ନୀଲେଶ ଦେଶାଇ, ଏଏମଏନଏସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେସା ଜୀ, ପାରାଦୀପ ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ କ୍ଷ ଏହି ସମସ୍ତ କାର୍ଯ୍ୟକ୍ରମ କୁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ନିରଞ୍ଜନ ବେହେରା ପରିଚାଳନା କରିଥିବା ବେଳେ କମିଟିର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ । ନଭେମ୍ବର ୨୬ ରୁ ଡିସେମ୍ବର ୩ ତାରିଖ ଦୀର୍ଘ ୮ ଦିନ ବ୍ୟାପି ଏହି ମହୋତ୍ସବ ରେ ଓଡ଼ିଶା ର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଟ୍ରୁପ୍ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବ୍ୟତୀତ ପଲ୍ଲିଶ୍ରୀ ମେଳା, ପାରାଦୀପ ବନ୍ଦରର, ଇଫକୋ, ପିପିଏଲ୍, ଆଇଓସିଏଲ ଇତ୍ୟାଦି ସଂସ୍ଥା ମାନଙ୍କ ପକ୍ଷରୁ ସଚେତନତା ଷ୍ଟଲ ସମେତ ବିଭିନ୍ନ ପ୍ରକାରର ଷ୍ଟଲ ସ୍ଥାପନ କରାଯାଇଛି କ୍ଷ ଚଳିତ ବର୍ଷ ଅନେକ କାର୍ଯ୍ୟକ୍ରମ ଏବଂ ଷ୍ଟଲ ମୁଖ୍ୟ ଆକର୍ଷଣ ହେବ ବୋଲି ଆୟୋଜକମାନେ କହିଛନ୍ତି କ୍ଷ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଏହି ଉତ୍ସବରେ ସାତ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଏବଂ ପ୍ରାୟ ୫୦ ଜଣ ଅଧିକାରୀ ନିୟୋଜିତ ହୋଇଛନ୍ତି ବୋଲି ପାରାଦୀପ ପୋଲିସ ଡିଏସପି ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି ।

## କାର୍ତ୍ତିକ ଶେଷ ଦିନରେ ୨ଲକ୍ଷ ୧୦ହଜାର ଭକ୍ତଙ୍କ ଶ୍ରୀମନ୍ଦିରରେ ସମାଗମ



ପୁରୀ, (ପି.ଏନ):ପୁରୀରେ ଶେଷ ହେଲା ଧର୍ମର ମାସ କାର୍ତ୍ତିକ। ଏହି ପରିପ୍ରେକ୍ଷୀରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ରତ୍ନ ସିଂହାସନରେ ଚତୁର୍ଦ୍ଧାବିଗ୍ରହଙ୍କର ଦୁର୍ଲ୍ଲଭ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କର ଏହି ରାଜାଧିରାଜ ବେଶକୁ ଦର୍ଶନ କରିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭୋର ସମୟରୁ ସିଂହଦ୍ୱାରରେ ଭକ୍ତଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ସହଳ ନୀତିକାନ୍ତି ଏବଂ ପୁଲିସ ପ୍ରଶାସନର ପୂର୍ଣ୍ଣ ସହଯୋଗ ବଳରେ ଭକ୍ତମାନେ ବେଶ ଖୁସିରେ ସୁନାବେଶକୁ ଦର୍ଶନ କରିଛନ୍ତି। ପ୍ରାୟ ୨ଲକ୍ଷ ୧୦ହଜାର ଭକ୍ତ ମହାପ୍ରଭୁଙ୍କ ରାଜାଧିରାଜ ବେଶକୁ ଦର୍ଶନ କରିଥିବାର ସୂଚନା ମିଳିଛି। ବିଶେଷ କରି ପୁରୀ ପୁଲିସ ପକ୍ଷରୁ ଭକ୍ତଙ୍କ ଲାଗି ନେଇଥିବା ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଛନ୍ତି। ସିଂହଦ୍ୱାର ସମ୍ମୁଖରେ ପୁଲିସ ପକ୍ଷରୁ ହୋଇଥିବା ମାନବ ଶୃଙ୍ଖଳ ଦ୍ୱାରା ଭକ୍ତମାନେ ଠେଲାପେଲାରୁ ରକ୍ଷା ପାଇଁ ଶୃଙ୍ଖଳିତଭାବେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଏହି ମାନବ ଶୃଙ୍ଖଳ ବ୍ୟବସ୍ଥାକୁ ପ୍ରତିଦିନ ଲାଗୁ କରିବା ପାଇଁ କିଛି ବ୍ୟକ୍ତି ପରାମର୍ଶ ଦେଇଛନ୍ତି। କାର୍ଯ୍ୟରତ ପୁଲିସ ଏବଂ ଯୁବଶକ୍ତିମାନେ ପ୍ରାୟ ୭ଶହ ୫୦ଜଣ ଦିବ୍ୟାଙ୍ଗଙ୍କୁ ସେମାନଙ୍କ ରହଣୀ ସ୍ଥଳରୁ ଆଣି ମହାପ୍ରଭୁଙ୍କୁ ଦର୍ଶନ କରାଇ ସୁରକ୍ଷିତଭାବେ ସେମାନଙ୍କ ରହଣୀ ସ୍ଥଳରେ ଛାଡିଥିଲେ। ଶ୍ରୀଜଗନ୍ନାଥଙ୍କ କୃପାରୁ ପୁରୀ ପୁଲିସ ଲକ୍ଷାଧିକ ଭକ୍ତମାନଙ୍କୁ ଶାନ୍ତି ଶୃଙ୍ଖଳାରେ ଦର୍ଶନ କରାଇ ପାରିଛି। ଏଥି ପାଇଁ ପୁରୀ ପୁଲିସ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ସେବାୟତ,ବିଦ୍ୟୁତ ବିଭାଗ ଏବଂ ପୁରୀବାସୀଙ୍କ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ଉଦୟନାଥ ଶୈବ ପୀଠରେ ଅପରାଜିତା ଷଡଙ୍ଗୀଙ୍କ ରୁଦ୍ରାଭିଷେକ

ଶେରଗଡ଼ (ପିଏନ): ଗଂଜାମ ଜିଲ୍ଲା ରାଜନୀତି ଏବେ ସରଗରମ ହୋଇପଡିଛି ଓ ଭିକେ ପାଣ୍ଡିଆନ ବିଜେଡିରେ ଯୋଗଦେବା ପରେ ତାରାତାରିଣୀ ପୀଠକୁ ଆସି ଆଶିର୍ବାଦ ଲୋଡିଥିବା ବେଳେ ପବିତ୍ର କାର୍ତିକ ପୂର୍ଣ୍ଣିମା ଅବସରରେ ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ, ନବୀନଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶେରଗଡ଼ ବ୍ଲକ ର କରଡ଼ାକଣା ଠାରେ ରହିଥିବା ସ୍ୱାମୀ ଉଦାୟନାଥ ଶୈବ ମନ୍ଦିରରେ ରୁଦ୍ରାଭିଷେକ କରି ଆଶିଷ କାମନା କରିଛନ୍ତି କ୍ଷ ଉଭୟଙ୍କ ଲକ୍ଷ ଯାହା ହେଉନା କାହିଁକି ଏମାନେ ରାଜନୀତିରେ ରହିଥିବାରୁ ନିଶ୍ଚିତ ଭାବେ ନିଜର ରାଜନୀତିକ ପଡିଆର ବୃଦ୍ଧି ଏବଂ ଲୋକଙ୍କ ସେବା ପାଇଁ ଉତ୍ସର୍ଗିକୃତ ମନଭାବ ରଖିଥିବା ପ୍ରକାଶ କରିଛନ୍ତି ଓ ଶେରଗଡ଼ ଚାରିଛକରୁ ବିଜେପି କର୍ମକର୍ତ୍ତା ଏବଂ ଦଳୀୟ କର୍ମୀ ମାନେ ଅପରାଜିତା ଷଡଙ୍ଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ପାଦରେ ଚାଲି ଚାଲି ଆସୁଥିବା ବେଳେ ରାସ୍ତାରେ ପଡୁଥିବା ବିଭିନ୍ନ ଗ୍ରାମରେ ତାଙ୍କୁ ଉତ୍ସର୍ଗିକୃତ ସମ୍ବର୍ଦ୍ଧନା କରାଯାଇଥିଲା କ୍ଷ ଏହି ରୁଦ୍ରାଭିଷେକ ରେ ଦକ୍ଷିଣ ଓଡିଶା ର ଉଦୟମାନ ଯୁବ ନେତା ଅମ୍ବିକା ପ୍ରସାଦ ପଣ୍ଡା, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ରଶ୍ମି ରଞ୍ଜାମ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତାପସ ଜେନା, ଭାରତୀୟ ମଜଦୁର ସଙ୍ଘ ସଭାପତି ନାରାୟଣ ସାବତ, ରାଜୀବ ମିଶ୍ର ଓ ବିଜେପି ର ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପାଳନ କରାଯାଇଛି ବୋଇତ ବନ୍ଦାଣ ଉତ୍ସବ

ନିମାପଡା,(ପି.ଏନ): ଆଜି ନିମାପଡ଼ା ସ୍ଥିତ ଦେବୀ ମଣ୍ଡପ ସମ୍ମୁଖରେ ‘ନିମାପଡ଼ା ବୋଇତ ବନ୍ଦାଣ ଉତ୍ସବ - ୨୦୨୩’ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ମହାସମାରୋହରେ ପାଳନ କରାଯାଇଅଛି।ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା କୃତ୍ରିମ ଜଳାଶୟରେ ବୋଇତ ବନ୍ଦାଣ।ଆମ ରାଜ୍ୟ ଐତିହ୍ୟ ଓ ପରମ୍ପରାକୁ ମନେ ପକାଇ ଏହି ପର୍ବ ପାଳନ କରାଯାଉଥିବା ବେଳେ ଭୋର ସମୟରେ ଶ୍ରଦ୍ଧାଳୁମାନେ ନଦୀ ବା ପୁଷ୍କରିଣୀରେ କଦଳି ପାଟୁକା ବା ଶୋଲରେ ତିଆରି ଡଙ୍ଗାରେ ଦ୍ୱୀପ ଜାଳି ବନ୍ଦାପନା କରି ପ୍ରତିକାତ୍ମକ ଭାବେ ବୋଇତ ଭଷାଣ କରିଥାଆନ୍ତି।ଯାହା ଆମ ରାଜ୍ୟର ଅତିତରେ ସାଧବ ପୁଅମାନଙ୍କର ଦରିଆପାରି ନୌବାଣିଜ୍ୟ କରି ଯିବାର ପରମ୍ପରାକୁ ମନେପକାଇ ଥାଏ।ପ୍ରଥମେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ଅନୁଷ୍ଠାନ ତରଫରୁ ଉପସ୍ଥିତ ଅତିଥିମାନେ ସାଧବ ପୁଅ ବେଶରେ ସଜ୍ଜିତ ସାତ ଜଣ ପିଲାଙ୍କ ସହିତ କୃତ୍ରିମ ଜଳାଶୟରେ ବୋଇତ ବନ୍ଦାଣ କରିଥିଲେ ଏବଂ ପରେ ପରେ ସର୍ବସାଧାରଣ ଶ୍ରଦ୍ଧାଳୁମାନେ ଏଥିରେ ବୋଇତ ଭଷାଣ କରିଥିଲେ।ପ୍ରଥମ ଅଧିବେଶନରେ ବୋଇତ ବନ୍ଦାଣ ପୂଜାର୍ଚ୍ଚନା ହେବା ସହିତ ଭଜନ ଅର୍ଘ୍ୟ ଭକ୍ତି ଗ୍ରୁପ ଦ୍ୱାରା ଭଜନ ସମାରୋହ ହୋଇଥିଲା।ଦ୍ୱିତୀୟ ଅଧିବେଶନରେ ଝୋଟି ମୁରୁଜ,ଶଙ୍ଖ ବାଦନ, ହୁଳହୁଳି, କବିତା ପାଠ ସହିତ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଥିଲା।ତୃତୀୟ ତଥା ଶେଷ ଅଧିବେଶନ ସନ୍ଧ୍ୟା ୭ ଘଟିକା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଗଞ୍ଜାମର ବିଶ୍ୱ ଜନନୀ ଆନିମଲମାସ୍କ ଡାନ୍ସଗ୍ରୁପ ଦ୍ୱାରା ପଶୁମୁଖା ନୃତ୍ୟ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିମାପଡା ବିଧାୟକ ସମୀର ରଞ୍ଜନ ଦାଶ ଯୋଗ ଦେବା ସହିତ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଶଙ୍କର ଭୋଇ, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧକ୍ଷ ସନ୍ତୋଷ କୁମାର ଦାଶ,ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ବ୍ୟବସାୟୀ ସଙ୍ଘ ସଭାପତି ପଦ୍ମଚରଣ ସାହୁ,ସଙ୍ଗମ ଚାରିଟେବୁଲ ଟ୍ରଷ୍ଟ ସଭାପତି ଗଙ୍ଗାଧର ଓଝା ଓ ସମ୍ପାଦକ ମନୋଜ କୁମାର ନାୟକ ଉପସ୍ଥିତ ଥିଲେ।

## ୫୧ତମ ରାହାସ ମହୋତ୍ସବ ଧୁମଧାମ୍ ରେ ପାଳିତ



ଜେନାପୁର,(ପି.ଏନ୍) ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତ ଅଧିନସ୍ଥ ଚମ୍ପିତ୍ରାପାଟଣା ଗ୍ରାମରେ ପ୍ରତି ବର୍ଷ ପରି ଏ ବର୍ଷ ମଧ ୫୧ତମ ରାହାସ ମହୋତ୍ସବ ଧୁମଧାମ୍ ରେ ପାଳିତ ହୋଇଯାଇଛି । ଏହି ମହୋତ୍ସବ ଗ୍ରାମର ୭୦ ପରିବାର ମିଳିତ ଉଦ୍ୟମରେ ଅନନ୍ତ ଗୋପାଳ ମନ୍ଦିର ପ୍ରତିଷ୍ଠାତା କରି ଭାଇଚାରା ସଂପର୍କ କୁ ବଜାଇ ରଖିବା ସହ ସନାତନ ଧର୍ମର ପଚାର ପ୍ରସାର କରିଆସୁଛନ୍ତି । ଗୁରୁ କଣ୍ଟୁରୀ ରାଉତଙ୍କ ଉଦ୍ୟମରେ ପ୍ରଭୁ ଅନନ୍ତ ଗୋପାଳଙ୍କ ଅନୁପ୍ରାଣିତ ହୋଇ ରାହାସ ମହୋତ୍ସବ ହସ ଉଲ୍ଲାସରେ ପାଳିତ ହୋଇଆସୁଛି । ଏହି ମହୋତ୍ସବ ୨୧ ନଭେମ୍ବର ରୁ ଆରମ୍ଭ ହୋଇ ୨୭ ନଭେମ୍ବର ୭ ଦିନ ଧରି ପାଳିତ ହୋଇଆସୁଛି । ପ୍ରଥମ ଦିନରେ ଶୁଭାଧିବାସ, କଳସ ଯାତ୍ରା,କନ୍ୟା ପୂଜନ ଓ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି । ଦ୍ୱିତୀୟ ଦିନରେ ଆଞ୍ଚଳିକ କୀର୍ତ୍ତନ ମଣ୍ଡଳି ନାମ ସଂକୀର୍ତ୍ତନ,ଗୀତାଯଜ୍ଞ ଓ ଅଙ୍କୁରୋପଣ ହୋଇଯାଇଛି । ତୃତୀୟ ଦିନରେ ସେହିପରି ଗୀତା ଯଜ୍ଞ ,ପୂର୍ଣ୍ଣାହୁତି,ପ୍ରସାଦ ସେବନ ସହ ପ୍ରବଚକ ଆର୍ ଯେ ପଣ୍ଡିତ ନିରୋଦ ଚନ୍ଦ୍ର ଆର୍ଯ୍ୟଙ୍କ ଦ୍ୱାରା ପ୍ରବଚନ ପରିବେଷଣ ହୋଇଥିଲା । ଚତୁର୍ଥ ଦିନରେ ରାଜ୍ୟସ୍ତରୀୟ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ କଳାକାର ଆହ୍ୱାନ ଥ୍ରୀଏଟର ଗ୍ରୁପ୍ ଦ୍ୱାରା ପରିବେଷଣ ହୋଇଥିଲା । ଏହି ନାଟକଟି ଦର୍ଶକମାନଙ୍କ ହୃଦୟକୁ ଛୁଇଁବା ସହ ମନମୁଗ୍ଧକର ହୋଇପାରିଥିଲା । ପଞ୍ଚମ ଦିନରେ ଶୁଭମ ଭଜନ ସନ୍ଧ୍ୟା କଟକ ତରଫରୁ ଭଜନ ପରିବେଷଣ ହୋଇଥିଲା । ଷଷ୍ଠ ଦିନରେ ଗ୍ରାମାଞ୍ଚଳର କୁନିକୁନି ପ୍ରତିଭାମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା । ସପ୍ତମ ଦିନରେ ଗ୍ରାମବାସୀଙ୍କ ଦ୍ୱାରା ରାଧା କୃଷ୍ଣଙ୍କ ନଗର ପରିଭ୍ରମଣ କରି ପ୍ରସାଦ ସେବନ କରିବାର ବ୍ୟବସ୍ଥା କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବ୍ଲକର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଟାଟା ମେଡିକାଲ୍ ର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସୁଧାଂଶୁ ଶେଖର ସୁତାର,କବାଟବନ୍ଧ ମେଡିକାଲ୍ ର ଅଫିସର ଡାକ୍ତର ନିହାର ରଞ୍ଜନ କର,ଜେନାପୁର ଥାନା ଅଧିକାରୀ ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ସାହୁ ଏବଂ ଟାଟାମାଇନ୍ସ ଥାନା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ମହୋତ୍ସବରେ ଗ୍ରାମବାସୀଙ୍କ ଅହେତୁକ ଅବଦାନ ଓ ମିଳିତ ଉଦ୍ୟମରେ ଦୀର୍ଘ ୫୧ ବର୍ଷ ଧରି ଭାଇଚାରା ସୃଷ୍ଟି କରିବା ସହ ସନାତନ ଧର୍ମ ପ୍ରଚାର ପ୍ରସାର କରିଆସୁଛନ୍ତି

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
● Surveillance through CCTV Camera ● Small Classes ● Congenial Environment ● Intimate, Safe & Secured Place ● Experienced & loving teachers ● Individual attention to each child ● Spacious Playground ● AC Activity Room ● Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray